ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.184 Bhubaneswar Wednesday August 30 2023 | ୨୬ତମ ବର୍ଷ ସଂଖ୍ୟା-୧୮୪ ଭୁବନେଶ୍ୱର ବୁଧବାର, ଅଗଷ୍ଟ ୩୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ମୁଖ୍ୟମନ୍ତ୍ରୀ ଧୃତରାଷ୍ଟ୍ର ସାଜି ପାଣ୍ଡିଆନଙ୍କ ମାଧ୍ୟମରେ ଓଡିଶାକୁ ଦେଖିବାକୁ ଚେଷ୍ଟା କରୁଛନ୍ତି : କଂଗ୍ରେସ

ଭୁବନେଶ୍ୱର,୨୯।୮(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଧୃତରାଷ୍ଟ୍ର ସାଜି ସଞ୍ଜୟ(ପାଣ୍ଡିଆନ)ଙ୍କ ମାଧ୍ୟମରେ ଓଡିଶା ଦେଖିବାକୁ ଚେଷ୍ଟା କରୁଛନ୍ତି । ଯଦି ଓଡିଶା ଲୋକେ ସତର୍କ ନହୋଇ ବାହାର ରାଜ୍ୟର ଲୋକଙ୍କୁ ଏମିତି ପ୍ରଶ୍ରୟ ଦେବେ ତା'ହେଲେ ଓଡିଶାବାସୀଙ୍କୁ କୌରବଙ୍କ ଭଳି ଅବସ୍ଥା ଭୋଗିବାକୁ ପଡିବ ବୋଲି କଂଗ୍ରେସ କହିଛି । ତେଣୁ ନବୀନ ହଟାଓ-ଓଡିଶା ବଂଚାଅ ସ୍ଲୋଗାନ ସବୁ ଓଡିଆଙ୍କ ମୁହଁରୁ ବାହାରିବା ଦରକାର ବୋଲି କଂଗ୍ରେସ ନେତା ତଥା ଅବସରପ୍ରାପ୍ତ ଆଇଏଏସ୍ ପଂଚାନନ ଦାଶ କହିଛନ୍ତି ।ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାଶ କହିଛନ୍ତି ଯେ, ଏବେ ଓଡିଶାରେ ଗୋଟିଏ ନୂଆ ପ୍ରକାର ପ୍ରଥା ଦେଖିବାକୁ ମିଳୁଛି, ଯାହା କେବେବି ଓଡିଶାରେ କିମ୍ବା ଅନ୍ୟ କୌଣସି ରାଜ୍ୟରେ ପରିଲକ୍ଷିତ ହୋଇନଥିବ । ୫ଟି ସଚିବ



ଅଖଣ୍ଡ କ୍ଷମତାର ଅଧିକାରୀ ହୋଇ ବିଭିନ୍ନ ସ୍ଥାନକୁ ରାଜ୍ୟ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚକରି ହେଲିକପ୍ଟରରେ ଗସ୍ତକରି ପ୍ରଥମ ଥର ପାଇଁ ଭୋଟ ଦେବାକୁ ଯାଉଥିବା କଲେଜ ପିଲାମାନଙ୍କୁ ବିଶେଷ କରି ଯୁବପୀଢ଼ୀଙ୍କୁ ଶାସକ ଦଳ ଆଡକୁ ଆକୃଷ୍ଟ କରିବାକୁ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି । ଯଦିଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଯୋଗ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୫ଟି ସଚିବ କିଭଳି ଓ କାହିଁକି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଉଲଂଘନ କରୁଛନ୍ତି ବୋଲି ଶ୍ରୀ ଦାଶ ପ୍ରଶ୍ନ ପଚାରିଛନ୍ତି ।

## ନିର୍ମାଣ ହେଉଛି ଷ୍ଟ୍ରକଚର କାମ; ସୂର୍ଯ୍ୟ ମନ୍ଦିରରୁ କେବେ ବାହାରିବ ବାଲି ?

ଭୁବନେଶ୍ୱର,୨୯।୮(ପି.ଏନ): ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହ ଚାରିପାଖରେ ନିର୍ମାଣ କରାଯାଉଛି ମଜବୁତ ଲୁହା ଷ୍ଟ୍ରକଚର। କ୍ରେନ୍ ଜରିଆରେ ଚାଲିଛି ନିର୍ମାଣ କାମ। ଏକ ଐତିହାସିକ ନିଷ୍ପତ୍ତି କ୍ରମେ କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ବାଲି କାଢିବା ପାଇଁ ଗତବର୍ଷ ସେପ୍ଟେମ୍ବରରେ ଭୂମିପୂଜା କରିଥିଲା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ)। ଏହାପରେ ଚଳିତ ବର୍ଷ ଜାନୁଆରୀରେ ବାଲି କାଢ଼ିବା ପାଇଁ ଆରମ୍ଭ ହୋଇଥିଲା ଷ୍ଟ୍ରକଚର ନିର୍ମାଣ କାମ। ହେଲେ କୌଣସି କାରଣ ବଶତଃ କାମ ଆରମ୍ଭର କିଛି ଦିନ ପରେ ବନ୍ଦ ରହିଥିଲା।

## ଚନ୍ଦ୍ରରେ ସଲଫର୍ ଓ ଅମ୍ଳଜାନ ସହିତ ଅନେକ ପଦାର୍ଥର ସନ୍ଧାନ କରିଛି 'ପ୍ରଜ୍ଞାନ'

ଭୁବନେଶ୍ୱର,୨୯।୮(ପି.ଏନ): ଚନ୍ଦ୍ରରେ ସଲଫର୍ ସହିତ ଆହୁରି ଅନେକ ପଦାର୍ଥ ରହିଛି। ଏ ସଂପର୍କରେ ସୂଚନା ଦେଇଛି ରୋଭର ପ୍ରଜ୍ଞାନ। ଏନେଇ ଇସ୍ରୋ ପକ୍ଷରୁ ଟ୍ୱିଟ କରି କୁହାଯାଇଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ବିଚରଣ କରୁଥିବା ରୋଭର ପ୍ରଜ୍ଞାନ ସଲଫର ସହିତ ଆଲୁମିନିୟମ (Al), କ୍ୟାଲସିୟମ (Ca), ଫେରସ (Fe), କ୍ରୋମିୟମ (Cr), ଟିଟାନିୟମ (Ti), ମାଙ୍ଗାନିଜ (Mn), ସିଲିକନ (ଝସ) ଓ ଅକ୍ସିଜେନ୍ (O)ର ସନ୍ଧାନ କରିଛି। ରୋଭର ପ୍ରଜ୍ଞାନରେ ଲାଗିଥିବା Laser-Induced Breakdown Spectroscopy (LIBS)



ନାମକ ଏକ ଯନ୍ତ୍ର ଏହା ସ୍ପଷ୍ଟ କରିଛି। ଚନ୍ଦ୍ରରେ ହାଇଡ୍ରୋଜେନ୍ ଅଛି ନା ନାହିଁ, ତାହା ଜାଣିବା ପାଇଁ ରୋଭର ପ୍ରଜ୍ଞାନ ସନ୍ଧାନ ଚଳାଇଛି ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚି ଏଭଳି ସନ୍ଧାନ କରିବାରେ ଏହା ପ୍ରଥମ ଘଟଣା। କୌଣସି ଅର୍ବିଟର ସାହାଯ୍ୟରେ ଏଭଳି ପରୀକ୍ଷଣ ସମ୍ଭବ ନୁହେଁ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

## ଓଡିଶା ଆସିବେ ଜାତୀୟ ନିର୍ବାଚନ ଆୟୋଗଙ୍କ ଅଫିସର ଟିମ୍, ଆଗୁଆ ନିର୍ବାଚନ ଚର୍ଚ୍ଚାକୁ ପୁଣି ଖଣ୍ଡନ

ନୂଆଦିଲ୍ଲୀ,୨୯।୮(ପି.ଏନ): ରାଜ୍ୟରେ ଆଗୁଆ ବିଧାନସଭା ନିର୍ବାଚନ ହୋଇପାରେ ବୋଲି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ସଂସ୍ଥା ବାରମ୍ବାର ଖବର ପ୍ରସାରଣ ଜାରି ରଖିଥିବାବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ପୁଣିଥରେ ଏଭଳି ସମ୍ଭାବନାକୁ ଖାରଜ କରିଛନ୍ତି । ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ନିର୍ଦ୍ଧାରିତ ଅବଧିରେ ହେବ ତଥା ଜାତୀୟ ନିର୍ବାଚନ ଆୟୋଗ ଏନେଇ ତାରିଖ ଘୋଷଣା କରିବେ ବୋଲି ସେ କହିଛନ୍ତି । ଏହାସହିତ ରାଜ୍ୟରେ ସାଧାରଣ ନିର୍ବାଚନ ପ୍ରସ୍ତୁତି ତଦାରଖ କରିବା ନିମନ୍ତେ ଆସନ୍ତାମାସ ସେପ୍ଟେମ୍ବର ୧୩ତାରିଖରେ ଜାତୀୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଓଡିଶା ଆସିବେ ବୋଲି ଶ୍ରୀ ଧଳ କହିଛନ୍ତି ।ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ଧଳ କହିଛନ୍ତି ଯେ, ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ସେପ୍ଟେମ୍ବର ୧୩ତାରିଖରେ ଓଡିଶା ଆସି



ଜିଲ୍ଲାପାଳମାନଙ୍କ ସହ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ଆଲୋଚନା କରିବେ । ଏହା ଏକ ରୁଟିନ୍ ପ୍ରକ୍ରିୟା। ମୁଖ୍ୟ ନିର୍ବାଚନ ଆୟୋଗ କିମ୍ବା ଆୟୋଗଙ୍କ ସଦସ୍ୟ କେହି ଏବେ ଆସିବେ ନାହିଁ କିମ୍ବା ସେମାନେ ଓଡିଶା ଆସିବା ନେଇ କୌଣସି ସୂଚନା ନାହିଁ । ସାଧାରଣ ନିର୍ବାଚନ ପାଇଁ ବହୁ ପୂର୍ବରୁ ପ୍ରସ୍ତୁତି କରାଯାଏ । ରାଜ୍ୟରେ ଆବଶ୍ୟକ ଅନୁସାରେ ଇଭିଏମ୍ ମେସିନ୍ ବହୁ ପୂର୍ବରୁ ପହଂଚିସାରିଛି । ୯ଟି ଜିଲ୍ଲାରେ ଭିଭିପାଟ୍ ପହଂଚିଛି ଓ ବାକି ୨୧ଟି ଜିଲ୍ଲା ପାଇଁ ଖୁବଶୀଘ୍ର ଭିଭିପାଟ୍ ଆସିବ । ଆସନ୍ତା ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ଉଭୟ ଇଭିଏମ୍ ଓ ଭିଭିପାଟ୍ ଯାଂଚ ପ୍ରକ୍ରିୟା ହୋଇ ନଭେମ୍ବର ୧୫ତାରିଖ ସୁଦ୍ଧା ଏହା ଶେଷ ହେବ । ଚୂଡାନ୍ତ ଚିଠା ଭୋଟର ତାଲିକା ଆସନ୍ତା ଅକ୍ଟୋବର ୧୭ତାରିଖରେ ପ୍ରକାଶ ପାଇବ । ଏହି ସମସ୍ତ ପ୍ରକ୍ରିୟା ସାଧାରଣ ନିର୍ବାଚନ ସହ ଜଡିତ । ଆଗୁଆ ନିର୍ବାଚନ ନେଇ ଏହାର କୌଣସି ସମ୍ପର୍କ ନଥିବା ଶ୍ରୀ ଧଳ ସ୍ପଷ୍ଟ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଆଗୁଆ ନିର୍ବାଚନ ଚର୍ଚ୍ଚାକୁ ମଧ୍ୟ ଶ୍ରୀ ଧଳ ଶ୍ରୀ ଧଳ ଗତ ୨-୩ ମାସ ତଳେ ଖାରଜ କରିଥିଲେ ।

## ଋଷ-ୟୁକ୍ରେନ ଯୁଦ୍ଧ, ୭ ଦିନରେ ୫ହଜାର ଲୋକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୯।୮(ପି.ଏନ): ଋଷ-ୟୁକ୍ରେନ ଯୁଦ୍ଧର ସବୁଠୁ ବିନାଶକାରୀ ମୁହୂର୍ତ୍ତ । ୫୫୦ ଦିନ ହେଲା ଚାଲିଛି ଋଷ-ୟୁକ୍ରେନ ଯୁଦ୍ଧ । ଛାରଖାର ହୋଇଗଲାଣି ଉଭୟ ଦେଶ । ହଜାର ହଜାର ଲୋକଙ୍କ ମୃତ୍ୟୁର ବିଭୀଷିକା ଦେଖୁଛନ୍ତି ଦୁଇ ଦେଶ । ୭ ଦିନ ଯୁଦ୍ଧରେ ୟୁକ୍ରେନରେ ପ୍ରାଣ ହରାଇଲେଣି ୫ ହଜାର ଲୋକ । ଚରମସୀମାରେ ପହଞ୍ଚିଛି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ରାଗ । ଜଳ,ସ୍ଥଳ,ଆକାଶରୁ ୟୁକ୍ରେନ ଉପରେ ହେଉଛି ଘନ ଘନ ଆକ୍ରମଣ । ବଡ ବଡ ସହର,ଘରଦ୍ୱାର ସହ ଜଳୁଛି ଅସ୍ତ୍ରାଗାର । କେବଳ ନର୍ଥ ଡୋନେସ୍କରେ ୧୪୯୦ ୟୁକ୍ରେନ ସେ?ନ୍ୟଙ୍କ ମୃତ୍ୟୁ । ଋଷ ଆକ୍ରମଣରେ ସାଉଥ ଡୋନେସ୍କର ପ୍ରାଣ ହରାଇଛନ୍ତି ୮୨୦ ଯବାନ । ଜେପୋରଜିଆରେ ହୋଇଛି ସବୁଠୁ ଅଧିକ ନରସଂହାର । ୧୧୮୦ ଯବାନଙ୍କର ମୃତ୍ୟୁ ସହ ବହୁ ସାଧାରଣ ଲୋକ ପ୍ରାଣ ହାରାଇଛନ୍ତି।

## ଉପାସରେ ମହାପ୍ରଭୁ ଲିଙ୍ଗରାଜ, ୨୦୨୦ ମସିହାରୁ ଲାଗି ରହିଥିବା ଏହି ବିବାଦର ହୋଇପାରୁନାହିଁ ସମାଧାନ

ଭୁବନେଶ୍ୱର,୨୯।୮(ପି.ଏନ): ଶ୍ରାବଣ ଶେଷ ସୋମବାରରେ ଶୈବପୀଠରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି। ଶୈବପୀଠରେ କାଉଡିଆଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ପବିତ୍ର ଜଳରେ ବାବାଙ୍କୁ ଅଭିଷେକ କରିଥିଲେ କାଉଡିଆ। ତେବେ ଏହାପରେ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତିରେ ଦେଖିବାକୁ ମିଳିଥିଲା ସମସ୍ୟା। ଗତକାଲି ଭଳି ଆଜି ବି ବନ୍ଦ ରହିଛି ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ।ମହାପ୍ରଭୁ ଲିଙ୍ଗରାଜଙ୍କ ପବିତ୍ରାରୋପଣ ବା ପଇତା ଲାଗି ନୀତି କିଏ କରିବେ? ବଡୁ ନିଯୋଗ ନା ପୂଜାପଣ୍ଡା ? ୨୦୨୦ ମସିହାରୁ ଲାଗି ରହିଥିବା ଏହି ବିବାଦର ସମାଧାନ ହୋଇପାରୁନାହିଁ। ଫଳରେ ଗତ ତିନି ବର୍ଷ ହେବ ମନ୍ଦିରରେ ପବିତ୍ରାରୋପଣ ନୀତି ସମ୍ଭବ ହେଉନାହିଁ। ଚଳିତ ବର୍ଷ ମଧ୍ୟ ଏହି କାରଣରୁ ପୂର୍ବ ବର୍ଷମାନଙ୍କ ପରି ଗତକାଲି ସଂଧ୍ୟାରୁ ପ୍ରଭୁଙ୍କ ନୀତିକୁ ବନ୍ଦ କରି ଦିଆଯାଇଛି।

## ମୀନକେତନ ପଟ୍ଟନାୟକ : ଓଡ଼ିଶା ଗୌରବ ସମ୍ମା -୨୦୨୩ ରେ ସମ୍ମାନିତ

ଭୁବନେଶ୍ୱର,୨୯।୮(ପି.ଏନ): ରବିବାର ରେ ପ୍ରମୁଖ ଆନ୍ତର୍ଜାତୀୟ ମାନବାଧିକାର ରକ୍ଷାକାରୀ ସଂଗଠନର ପ୍ରତିଷ୍ଠାତା ତଥା ଅଧକ୍ - ଶ୍ରୀଯୁକ୍ତ ମୀନକେତନ ପଟ୍ଟନାୟକ - ଓଡିଶା ଗୌରବ ସମ୍ମାନ ଏହି ସମ୍ମାନଜନକ ପୁରସ୍କାର ଲିଭ୍ ଲାଇଭ ଓଡିଆ ଚ୍ୟାନେଲ୍ ତରଫରୁ ପ୍ରଦାନ୍ କରା ଯାଇଛି । ଶ୍ରୀ ପଟ୍ଟନାୟକ, ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ନ୍ଓଡିଶା ଗୌରବ ସମ୍ମାନ ପୁରସ୍କାର ପ୍ରାପ୍ତ କରିଥିବାରୁ ସମସ୍ତ ଆନ୍ତର୍ଜାତୀୟ ମାନବାଧିକାର ରକ୍ଷାକାରୀ ସଂଗଠନ ସଦସ୍ୟ, ସ୍ୱେଚ୍ଛାସେବୀ ଙ୍କ ପାଇଁ ଉତ୍ସର୍ଗୀକୃତ ଅକୁଣ୍ଠ ଅବଦାନ, ସାହାଯ୍ୟ, ପରିଶ୍ରମ ର ଫଳ । ଆପଣଙ୍କର ସମର୍ଥନ ଏବଂ ବିଶ୍ୱାସ ପାଇଁ ଆପଣଙ୍କୁ ଧନ୍ୟବାଦ। ସେ ଏଥିପାଇଁ ଲିଭ୍ ଲାଇଭ ଓଡିଆ ନ୍ୟୁଜ୍ ଚ୍ୟାନେଲକୁ ପ୍ରଶଂସା କରିଛନ୍ତି। ଏହି ଉପଲକ୍ଷେ, ଆନ୍ତର୍ଜାତୀୟ ମାନବାଧିକାର ରକ୍ଷାକାରୀ ସଂଗଠନ ର ସମସ୍ତ ସଦସ୍ୟ, ଓଡ଼ିଶା ରାଜ୍ୟ, ଦେଶ ଓ ବିଦେଶ ରୁ ନିଜ ନିଜର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଶ୍ରୀଯୁକ୍ତ ମୀନକେତନ ପଟ୍ଟନାୟକ ଙ୍କୁ ପ୍ରଦାନ୍ କରିଛନ୍ତି ।ଆନ୍ତର୍ଜାତୀୟ ମାନବ ଅଧିକାର ଡିଫେଣ୍ଡର୍ସ ହେଉଛି ଏକ ଅଗ୍ରଣୀ ଆନ୍ତର୍ଜାତୀୟ ସଂଗଠନ (ଓ୍ୱଝଙ ୯୦୦୧: ୨୦୧୫ ସାର୍ଟିଫାଏଡ୍) ଟ୍ରଷ୍ଟ ଆକ୍ଟ ଅନୁଯାୟୀ ପଞ୍ଜୀକୃତ




ହୋଇଛି ଯାହା ମାନବିକ ଅଧିକାରର ଆର୍ଟିକିଲ୍ ଉପରେ ସେମାନଙ୍କର ଅଧିକାରକୁ ହଇରାଣ କରୁଥିବା ଅଭାବୀ ବ୍ୟକ୍ତିଙ୍କ ମାନବିକ ଅଧିକାରର ପରାମର୍ଶ, ସୁରକ୍ଷା, ପ୍ରୋତ୍ସାହନ ଏବଂ ରକ୍ଷା ପାଇଁ ବିଶେଷଜ୍ଞ । ଗ୍ରାଉଣ୍ଡ ଜିରୋରେ ଆମର ବିଶେଷଜ୍ଞ ଦଳ ମାଧ୍ୟମରେ ଜାତି, ଧର୍ମ, ଜାତି, ରଙ୍ଗ, ଲିଙ୍ଗ ଏବଂ ଭାଷାର କୌଣସି ବିନା ଭେଦଭାବ ରେ ଆଇନ ଅନୁସାରେ ଉତ୍ସର୍ଗୀକୃତ । ଆନ୍ତର୍ଜାତୀୟ ମାନବ ଅଧିକାର ଡିଫେଣ୍ଡର୍ସ ଏକ ପ୍ରତିବଦ୍ଧ ମାନବ ଅଧିକାର ପ୍ରତିରକ୍ଷା ସଂଗଠନ ଭାବରେ ମିଳିତ ଜାତିସଂଘ ଦ୍ୱାରା ଯଥାର୍ଥ ଭାବରେ ସାର୍ଟିଫିକେଟ୍ ହୋଇଛି । ଜରୁରୀକାଳୀନ ସମସ୍ୟାର ପ୍ରମାଣ ଉପରେ ଆଧାର କରି ମିଳିତ ଜାତିସଂଘ ସମ୍ମୁଖରେ ମାନବିକ ଅଧିକାରର ଉଲ୍ଲଂଘନ ମାମଲାରେ ଆନ୍ତର୍ଜାତୀୟ ମାନବ ଅଧିକାର ଡିଫେଣ୍ଡର୍ସ ରେ ଯୋଗାଯୋଗ ସହିତ ପ୍ରାଧାନ୍ୟ ଦିଆ ଯାଇଛି । ଆନ୍ତର୍ଜାତୀୟ ମାନବ ଅଧିକାର ଡିଫେଣ୍ଡରମାନେ ଆନୁଷ୍ଠାନିକ ଭାବରେ UNITED NATIONS "ECOSOC" (ECONOMIC & SOCIAL COUNCIL) ରୁଅନୁମୋଦିତ ଏବଂ ପ୍ରମାଣିତ । ଯାହା ଆନ୍ତର୍ଜାତୀୟ ମାନବ ଅଧିକାର ଡିଫେଣ୍ଡର୍ସର ଏକ ବଡ଼ମାଇଲଖୁଣ୍ଟି ଏବଂ ଭାରତ ପାଇଁ ଗର୍ବ ।

## ୫-ଟି ସଚିବଙ୍କ ଗସ୍ତକୁ ବିରୋଧ କରିବ ଧର୍ମଶାଳା କଂଗ୍ରେସ

ଧର୍ମଶାଳା,୨୯।୮(ପିଏନ୍): ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବାକୁ ସୁଯୋଗ ଦିଆ ନଗଲେ ୫-ଟି ସଚିବ ଭି.କେ ପାଣ୍ଡିଆନ୍ଙ୍କ ଗସ୍ତକୁ ବିରୋଧ କରିବ ଧର୍ମଶାଳା ବ୍ଲକ୍ କଂଗ୍ରେସ କମିଟି । ଏନେଇ ଆଜି କୁମାରୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଧର୍ମଶାଳା ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ବ୍ଲକ୍ କଂଗ୍ରେସ ସଭାପତି କିଶାନ ପଣ୍ଡା ଚେତାବନୀ ଦେଇଛନ୍ତି । ଆସନ୍ତା ୩୧ତାରିଖରେ ଶ୍ରୀ ପାଣ୍ଡିଆନ୍ ଧର୍ମଶାଳା ଗସ୍ତରେ ଆସୁଛନ୍ତି।

## 'ବିକାଶ'ର ପୁଙ୍ଗୁଳା ଚିତ୍ର ଦେଖାଇଲେ ବୁଢ଼ୀ ମାଉସୀ; କହିଲେ- ବାବୁ ଆମ ଗାଁକୁ ରାସ୍ତା କେବେ ଦବୁ ?

ଭୁବନେଶ୍ୱର,୨୯।୮(ପି.ଏନ): 'ବାବୁ ଆମ ଗାଁକୁ ରାସ୍ତା କେବେ ଦବୁ?' ବାସ୍, ବୁଢ଼ୀ ମାଉସୀଙ୍କ ଏହି ଧାଡିକ କଥା ଖୋଲି ଦେଇଛି ରାଜ୍ୟ ସରକାରଙ୍କ 'ବିକାଶ'ର ଗୋଲାପି ଚିତ୍ର। ଯେଉଁ 'ବିକାଶ'କୁ ମୁଖ୍ୟ ଅସ୍ତ୍ର କରି ନେତାମାନେ ଡିଣ୍ଡିମ୍ ପିଟୁଛନ୍ତି, ତାହା ମିଛ ବୋଲି ପ୍ରମାଣିତ ହୋଇଥିବା ଚର୍ଚ୍ଚା ହେଉଛି। ଯେଉଁଥିପାଇଁ ୬୫ ବର୍ଷୀୟା ଦୁଃଖୀ ଭକ୍ତାଙ୍କୁ ବଡବଡିଆ ବାବୁଙ୍କ ଆଗରେ ନିଜ ଦୁଃଖ ଜଣାଇବାକୁ ପଡିଛି। ଗାଁକୁ ରାସ୍ତା ଖଣ୍ଡିଏ କରିବା ପାଇଁ ନିବେଦନ କରିବାକୁ ପଡିଛି। କେନ୍ଦ୍ରାପଡା ଜିଲ୍ଲାରୁ ଆସିଛି ଏପରି ଚିତ୍ର। ସୋମବାର ମହାକାଳପଡ଼ା ବ୍ଲକ୍? ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବର ହୋଇଥିଲା। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଆଉ ସେହି ଜନଶୁଣାଣିରେ ଅଭିଯୋଗ କରିବା ପାଇଁ ଆସିଥିଲେ ମହାକାଳପଡ଼ା ବ୍ଲକର ପେଟଛେଲା ପଞ୍ଚାୟତ ଶବରପଲ୍ଲୀ ଗାଁର ଦୁଃଖୀ ଭକ୍ତା। ହାତରେ ଧରିଥିଲେ ଅଭିଯୋଗ ପତ୍ର। ଆଉ ଖୋଲିଥିଲେ ରାଜ୍ୟ ସରକାରଙ୍କ 'ବିକାଶ'ର ଫୁଙ୍ଗୁଳା ଚିତ୍ର। ସର୍ବ ସମ୍ମୁଖରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ପ୍ରଶ୍ନ କରିଥିଲେ।

## ଯାଜପୁରରେ ୫-ଟି ସଚିବଙ୍କ ମାରାଥନ ସମୀକ୍ଷା

ଯାଜପୁର,୨୯।୮(ପି.ଏନ): ବିକାଶର ପଥରେ ଆଉପାଦେ ଆଗେଇବ ଯାଜପୁର । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯାଜପୁରରେ ବିକାଶର ଅନୁଧ୍ୟାନ କରୁଛନ୍ତି ୫ଟ ସଚିବ ଭିକେ ପାଣ୍ଡିଆନ । ମିଶନ ଶକ୍ତି ମାଆଙ୍କ ସହିତ ଆଲୋଚନା କରିଛନ୍ତି ଭିକେ ପାଣ୍ଡିଆନ । ରାଜ୍ୟ ସରକାର ମାଆଙ୍କୁ ଦେଉଥିବା ସୁବିଧା ସୁଯୋଗ ସମ୍ପର୍କରେ ୫-ଟି ସଚିବ ଅବଗତ କରିଥିଲେ । ଯାଜପୁର ଜିଲ୍ଲାର ସମସ୍ତ ଯୁକ୍ତଦୁଇ ଓ ଡିଗ୍ରୀ କଲେଜ ୫-ଟି ଉପକ୍ରମରେ ରୂପାନ୍ତିରତ ହେବ । ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରି ଏହି ଖୁସି ଖବର ଦେଇଛନ୍ତି ଭିକେ ପାଣ୍ଡିଆନ ।ଭଲପାଇବା, ସ୍ନେହ, ଭରସା। ହଜାର ହଜାର ଲୋକଙ୍କ ଭିଡରେ କିଏ ବଢାଇ ଦେଉଥିଲା ଆଦରର ହାତ, ଆଉ କିଏ ମୁଣ୍ଡ ଉପରେ ହାତଥୋଇ ଅଜାଡ଼ି ଦେଉଥିଲା ଆଶୀର୍ବାଦ। ପୁଣି ଭରସାର ହାତରେ ରାକ୍ଷୀଟିଏ ବାନ୍ଧି ଭଲପାଇବା ବଖାଣୁଥିଲେ ମାଆ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯାଜପୁରରେ ବିକାଶର ସମୀକ୍ଷା ଓ ଲୋକଙ୍କ ଅଭିଯୋଗ ଶୁଣିବା ସମୟରେ ମନ ଜିଣିନେଉଥିଲା ୫-ଟି ସଚିବଙ୍କ ପ୍ରତି ମାଆଙ୍କ ମମତା। କୋରେଇରେ ମିଶନ ଶକ୍ତି ସଦସ୍ୟାଙ୍କୁ ଭେଟି ଆଲୋଚନା କରିଥିଲେ ୫-ଟି ସଚିବ । ଯାଜପୁର ଜିଲ୍ଲାରେ ମିଶନ ଶକ୍ତି ମାଆଙ୍କୁ ୫୪୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି । କେବଳ ୨୦୨୦-୨୧ ବର୍ଷରେ ପ୍ରଦାନ କରାଯାଇଛି ୧୮୦ କୋଟି ଟଙ୍କା। ସ୍କୁଟି ପାଇଁ ୧୭୦୦ ଜଣ ଆବେଦନ କରିଥିବା ବେଳେ ବ୍ଲକ ଫେଡେରେସନଙ୍କୁ ଗାଡ଼ି ଦେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଖୁବଶୀଘ୍ର ଏମବିକେ ଓ ସିଆରପିଙ୍କ ଦରମା ବଢ଼ିବା ନେଇ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ । ଏହାଛଡ଼ା ମହିଳାଙ୍କୁ ରାଜ୍ୟ ସରକାର ଦେଉଥିବା ସବୁ ସୁବିଧା ସମ୍ପର୍କରେ ଅବଗତ କରିଥିଲେ ଫାଇଭ-ଟି ସଚିବ ।ସବୁକ୍ଷେତ୍ରରେ ସଫଳତାର ଆକାଶ ଛୁଇଁବେ ଯାଜପୁରର ଛାତ୍ରଛାତ୍ରୀ। ସରକାରୀ କଲେଜରେ ମିଳିବ ବଡ଼ ବଡ଼ କଲେଜ ଭଳି ସୁବିଧା। ଜିଲ୍ଲାର ସମସ୍ତ କଲେଜକୁ ୫ଟ ଉପକ୍ରମରେ ରୂପାନ୍ତରିତ କରାଯିବ। ନୂଆବର୍ଷ ପୂର୍ବରୁ ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜର ନବକଳେବର ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । କଲେଜ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରି ଏହି ଖୁସି ଖବର ଶୁଣାଇଛନ୍ତି ୫-ଟି ସଚିବ । ନିଜ କଲେଜର ରୂପାନ୍ତରଣରେ ଶ୍ରମଦାନ କରିବାକୁ ଆହ୍ୱାନ ଦେବା ସହିତ ରୂପାନ୍ତରିତ କଲେଜର ପୂର୍ବ ଓ ପର ଭିଡିଓ ଇନଷ୍ଟାରେ ସେୟାର କରିବାକୁ ପରାମର୍ଶ ଦେଇଛନ୍ତି। ଜୀବନରେ ପିଲାମାନେ କିପରି ସଫଳ ହେବେ ସେଥିପାଇଁ ଟିପ୍ସ ଦେଇଥିଲେ ଭିକେ ପାଣ୍ଡିଆନ ।

## ବୀର ପାଇକ ମାଟି ବରୁଣେଇରେ 'ମୋ ମାଟି ମୋ ଦେଶ' ଅଭିଯାନରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୯।୮(ପି.ଏନ): ଶ୍ରୀକ୍ଷେତ୍ର ପୁରୀରେ ଜୟୀ ରାଜଗୁରୁଙ୍କ ଜନ୍ମମାଟି ବୀରହରେକୃଷ୍ଣପୁର, ଢେଙ୍କାନାଳର ସାରଙ୍ଗଧର ଦାସଙ୍କ ଜନ୍ମଭୂମି ହରେକୃଷ୍ଣପୁର ପରେ ଆଜି ଖୋର୍ଦ୍ଧା ଜିଲ୍ଲାର ବୀର ପାଇକ ଭୂମି ବରୁଣେଇ ପାଦଦେଶରେ 'ମୋ ମାଟି ମୋ ଦେଶ ଅଭିଯାନ'ରେ ସାମିଲ ହୋଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଜ୍ଞାନର ନୂଆ ପରମ୍ପରା ତିଆରି କରିବା ସହ ଦେଶକୁ ନୂଆ ଉଚ୍ଚତାକୁ ନେବା ପାଇଁ ସଂକଳ୍ପ କରିବା ପାଇଁ ଯୁବପିଢ଼ିଙ୍କୁ ପ୍ରଧାନ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମେ ଐତିହାସିକ ଖୋର୍ଦ୍ଧାଗଡ ଏବଂ ବୀର ପାଇକ ମାନଙ୍କର ଆରାଧ୍ୟ ଦେବୀ ମାଆ ବରୁଣେଇ ଓ ମାଆ କରୁଣେଇ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ବରୁଣେଇ ପାହାଡର ପାଦଦେଶରେ ଥିବା 'ଶହୀଦ ସ୍ମୃତି ସ୍ତମ୍ଭ' ରେ ଶ୍ରଦ୍ଧାଞ୍ଜଳି



ଜ୍ଞାପନ କରିଥିଲେ । ଏହି ସ୍ଥାନରୁ ପବିତ୍ର କଳସରେ ମାଟି ସଂଗ୍ରହ କରିବା ପରେ ନିଜେ ସାଇକେଲରେ ଯୁବବର୍ଗଙ୍କ ସହ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । କ୍ୟାମ୍ପସରେ ପହଞ୍ଚିବା ପରେ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଓ ବଳିଦାନ ଦେଇଥିବା ସାହସୀ ସ୍ୱାଧୀନତା ସଂଗ୍ରାମୀ ତଥା ସାହସୀ ବ୍ୟକ୍ତିଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ସେଠାରେ 'ସ୍ମାରକୀ ଫଳକ' ସ୍ଥାପନା କରିବା ସହ ଛାତ୍ରଛାତ୍ରୀମାନଙ୍କ ସହ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀମାନେ ମାନବ ଶୃଙ୍ଖଳରେ ଭାରତ ମାନଚିତ୍ର ପ୍ରଦର୍ଶିତ କରିଥିଲେ । ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ଆୟୋଜିତ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ଯୋଗଦେଇ ସମବେତ ଛାତ୍ରଛାତ୍ରୀଙ୍କୁ 'ପଞ୍ଚ ପ୍ରାଣ'ର ଶପଥ କରାଇଥିଲେ କେନ୍ଦ୍ରମନ୍ତ୍ରୀ । '୨୦୪୭ ସୁଦ୍ଧା ଭାରତକୁ ଏକ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନକୁ ସାକାର କରିବା' । 'ଦାସତ୍ୱର ମାନସିକତାକୁ ସମୂଳେ ନିପାତ କରିବା । ଦେଶର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବା' । 'ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବା ଏବଂ ଦେଶର ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ କରିବା' ଓ 'ନାଗରିକ ଭାବେ ଦେଶ ପ୍ରତି ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ ପରିପାଳନ କରିବା' ନେଇ ପ୍ରଧାନ ପ୍ରତିଜ୍ଞା କରିଥିଲେ ।

## ଶୌଚ ପାଇଁ ଯିବା ସମୟରେ ହାତୀ ମାରିବାରେ ମୃତ

ହିନ୍ଦୋଳ, (ରିପୋର୍ଟ ନିମାଇଁ ଚରଣ ସାମଲ) ୨୯।୮(ପି.ଏନ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରଡ଼ାପାଳ ଗ୍ରାମ ରେ ବଡ଼ ଅଘଟଣ ଘଟିଯାଇଛି ।ସେହି ଗ୍ରାମ ର ଚୈତନ ନାଏକ, ବୟସ -୬୦ବର୍ଷ, ସକାଳ ସମୟ ରେ ପାଖ ନଈ କୁ ଶୌଚ ପାଇଁ ଯାଇଥିଲେ ।ଚୈତନ ନାଏକ ଶୌଚ କରିବା ସମୟ ରେ ଅତର୍କିତ ଅବସ୍ଥା ରେ ହାତୀ ଟି ଆଶୀ ଚୈତନ ନାଏକ କୁ ମାରିଦେଇଥିଲା ।ହାତିଟି ମାରିବା କ୍ଷଣି ସେହି ସ୍ଥାନ ରେ ଚୈତନ ନାଏକ ର ପ୍ରାଣବାୟୁ ଚାଲି ଯାଇଥିଲା ।ତାଙ୍କୁ ହାତୀମାରିବା ଖବର ଗ୍ରାମବାସି ପାଇଲା କ୍ଷଣି ସେହି ସ୍ଥାନ ରେ ପହଂଚି ଥିଲେ ।ଏକ ଶୋକାକୁଳ ପରିବେଶ ମଧ ରେ ସେହି ସ୍ଥାନ ଗତି କରିଥିଲା ।ହାତୀ ଯେଉଁ ସ୍ଥାନ ରେ ମାରିଥିଲା ତାହା ହିନ୍ଦୋଳ ଓ ଅନୁଗୁଳ ସୀମାମାଧାରେ ଥିବାଯୋଗୁ ଉଭୟ



ଅଫିସର ଦ୍ୱନ୍ଦ ରେ ପଡି ଯାଇଥିଲେ ।ଯେତେବେଳେ ଅନୁଧ୍ୟାନ କରାଗଲା ସେହି ସ୍ଥାନ ଟି ଅନୁଗୁଳ ସୀମାରେ ଯାଉଛି ଏଣୁ ହିନ୍ଦୋଳ ବନ ବିଭାଗ ପ୍ରଥମେ ପହଂଚି ଲୋକ ମାନଙ୍କୁ ବୁଝାସୁଝା କରିଥିଲେତାର କିଛି ସମୟ ପରେ ଅନୁଗୁଳ ବନବିଭାଗ ସେହି ସ୍ଥାନ ରେ ପହଂଚି ଥିଲେ ।ଅନୁଗୁଳ ବନବିଭାଗ ଲୋକ ମାନଙ୍କୁ ବୁଝାସୁଝା କରି ଥିଲେ ।ଅନୁଗୁଳ ବନବିଭାଗ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରିଥିଲେ ।ଘଟଣା ସ୍ଥଳରେ ମଇଧରପୁର ଫାଣ୍ଡି ପହଂଚି ଲୋକମାନଙ୍କୁ ବୁଝାସୁଝା କରିଲା ପରେ ହୋହାଲ୍ଲା କମିଥିଲା ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଅଗଷ୍ଟ ୩୦**

# ରାକ୍ଷୀ ପୂର୍ଣ୍ଣିମାର ଅନୁଚିନ୍ତା


ବିରଞ୍ଚି ନାରାୟଣ ମିଶ୍ର

ଆମର ଯେତେ ସମସ୍ତ ପର୍ବପର୍ବାଣି ପାଳନ ହୁଏ ତାହାର ପ୍ରଚ୍ଛଦପଟରେ ଏକ ଯୁକ୍ତିସଙ୍ଗତ କାରଣ ପ୍ରାୟତ ରହିଥାଏ। କୁହାଯାଏ ଏହାକୁ ମୁନିଋଷି ମାନେ ଆରମ୍ଭ କରିଥିଲେ। ସାଧାରଣ ମଣିଷଟିଏ ଏହାର ଗଭୀର ତ ୍ୱକୁ ବୁଝିବା କଷ୍ଟକର ବ୍ୟାପାର। ବିଶେଷକରି ଏ ସମସ୍ତ ଆମ ସମ୍ମୁଖରେ ବିଭିନ୍ନ ପର୍ବପର୍ବାଣି ପରମ୍ପରା ଆଉ ପ୍ରଥା ଆକାରରେ କାହିଁ କେଉଁ ଅନାଦି କାଳରୁ ପ୍ରତିୟମାନ ହୋଇ ଆସିଛି। ସେଇ ପ୍ରଥାକୁ ଆମେ ଅନୁସରଣ କରିବାକୁ ଯାଇ ଏହାକୁ ପାଳନ କରିବା ସହ ଆନନ୍ଦ ମଧ୍ୟ ପାଇଥାନ୍ତି। କିନ୍ତୁ ଆଜିକାଲି ଦେଖାଯାଏ ଏ ସମସ୍ତ ପର୍ବ ପର୍ବାଣୀ ପଛର ମୂଳ ଉଦ୍ଦେଶ୍ୟ କିନ୍ତୁ ସାଧନ ହେଉନାହିଁ ପରନ୍ତୁ ଏହା ଆମ ପରମ୍ପରାର ପରିପନ୍ଥୀ ପରି କାର୍ଯ୍ୟକ୍ରମ କରୁଥିବାର ଲକ୍ଷ କରାଯାଉଛି। ସମୟର ପରିବ ର୍ନ ଆଉ ମଣିଷର ପରିବ ର୍ତ ରୁଚିକୁ ଆଖିରେ ରଖି ଏ ସମସ୍ତ ପରମ୍ପରା ଆଉ ପୂଜାବ୍ରତରେ ମଧ୍ୟ ଅନେକ ପରିବ ର୍ନ ଅଣାଯାଇଛି। ଉଦାହରଣ ସ୍ୱରୂପ ସେ ସମୟରେ ମୁନିଋଷି ମାନେ ବାଘ ଛାଲ ଉପରେ ବସି ତପସ୍ୟା କରୁଥିଲେ ଆଉ ଏବେ ଯଦି ତା କରାଯାଏ ତେବେ ଆଇନ ଆଖିରେ ଆମେ ଦୋଷୀ ବୋଲି ସାବ୍ୟସ୍ତ ହେବାକୁ ପଡିବ। ଏପରିକି ଆଇନ ଉଲଂଘନ ଅଭିଯୋଗରେ ଜେଲବି ଯିବାକୁ ପଡିପାରେ। ତେଣୁ ଯେଉଁ ସମୟ ପାଇଁ ଯାହା ଉପଚାର ତାହା କରା ଯାଇଥାଏ ଆଉ ତାହା କିଛି ସମୟ ପାଇଁ କାର୍ଯ୍ୟକାରୀ ହୋଇଥାଏ। ସମୟ ବଦଳିବା ସଙ୍ଗେସଙ୍ଗେ ଆମେ ତାକୁ ନୂଆ ରୂପ ଦେଇଥାଉ। କିନ୍ତୁ ବ ର୍ମାନ ସବୁଠୁ ବଡ କଥା ହେଲା ଏବେ ଆମ ପାଖରେ ଏହି ଉପଚାରର କିଛି ମୂଲ୍ୟ ନାହି। ଯେଉଁ ମାନେ ଭିତରୁ ପ୍ରେରଣା ପାଇଲେ ସେଇ ପ୍ରେରଣାକୁ ରୂପ ଦେଇ ଆମେ ଭଗବାନଙ୍କ ସହ ଯୋଡ଼ି ହୋଇପାରୁ। ଯେମିତି ଆପଣ ଆପଣଙ୍କ ପୁଅ ପାଇଁ ମାର୍କେଟ ଯାଇଛନ୍ତି କିନ୍ତୁ ତା ପାଇଁ କଣ ଆଣିବେ ତାହା ଆମକୁ ଦ୍ୱନ୍ଦରେ ପକାଇ ଦେଇଥାଏ। ପୁଅକୁ କେଉଁଟା ଭଲ ଲାଗିବ ତା ଆପଣ ଜାଣିଛନ୍ତି ତେଣୁ ଆପଣ ତାକୁହିଁ ଆଣିବେ। ସେମିତି ଆପଣ ଭଗବାନଙ୍କୁ ଭଲପାଇ ତାକୁ ଘରକୁ ନେବାର ଅନ୍ୟନାମ ହେଲା ଉପଚାର। ବାକି ସମସ୍ତ ଉପଚାର କେବଳ ବାହ୍ୟ ଜିନିଷକୁ ପରିପ୍ରକାଶ କରିଥାଏ। ଖାଲି ଉପଚାରର କିଛି ଅର୍ଥ ନାହିଁ।ଏବେ ସଂସାରରେ ଯାହା ଚାଲିଛି ତାହା ଖାଲି ଉପଚାର ମାଧ୍ୟମରେ ଚାଲିଛି କିନ୍ତୁ ସେଥିରେ ବିକୃତି ଆସିଲାଣି ବୋଲି ଦେଖାଯାଉଛି। କଥାରେ ଅଛି ଯେଉଁ ଜିନିଷର ସମୟ ଚାଲିଯାଏ ସେଥିରେ ବିକୃତି ଆସିଯାଏ, ତେଣୁ ସବୁଠାରୁ ମୁଖ୍ୟ କଥା ହେଲା ଭିତରୁ ତଥ୍ୟ ବାହାରକୁ ପ୍ରକାଶ କରିବା। ଭିତରୁ ଯୋଉ ଭାବ ବାହାରି ଆସେ ତାହା ଆମେ ଈଶ୍ୱରଙ୍କ ପାଖେ ପ୍ରକାଶ କରିବା ଆବଶ୍ୟକ ଥାଏ। ଏହି ପରିପ୍ରେକ୍ଷୀରେ ଗୋଟିଏ କାହାଣୀ ସ୍ମୃତିରେ ଆସିଯାଉଛି। ଜଣେ ଅନାଥ ପିଲାଟିଏ ଗୋଟିଏ ସର୍କସରେ ରହି ଅନେକ କଳା ପ୍ରଦର୍ଶନ କରେ। ସର୍କସ ମାଲିକଙ୍କର ଦୁର୍ଦ୍ଦିନ ଆସିବାରୁ ସେ ତାଙ୍କ ସର୍କସ ପାର୍ଟି ବନ୍ଦ କରିଦେଲେ। ପିଲାଟି ଦୁଃଖରେ ଭାଙ୍ଗି ପଡ଼ିଲା। ଦିନେ ସେ ଜଙ୍ଗଲ ଭିତରକୁ ଅନ୍ୟମନସ୍କ ହୋଇ ଚାଲିଗଲା। କିଛିବାଟ ଯିବା ପରେ ସେ ଏକ ଦେବୀ ମନ୍ଦିର ଦେଖି ମନ୍ଦିରର ପୂଜାରୀଙ୍କୁ ଭେଟି ତାର ସବୁ କଥା କହିଲା। ପୂଜାରୀ ବହୁତ୍ ଖୁସି ହୋଇ କହିଲେ ମୁଁ ବି ଗୋଟେ ପିଲା ଖୋଜୁଥିଲି। ସବୁଦିନ ମନ୍ଦିର ଚାରିପାଖ ସଫା କରିବା ଓ ପଣ୍ଡିତମାନେ ଆସି ପୂଜା ସାରି ଗଲାପରେ ଭିତର ମନ୍ଦିରକୁ ସଫା କରିବା ଥିଲା ତାର ନିତିଦିନିଆ କାମ। ଆଉ ଏହା ପ୍ରତିବଦଳରେ ରହିବା ଖାଇବା ମୁକ୍ତରେ ବ୍ୟବସ୍ଥା କରା ଯାଇଥିଲା। ପିଲାଟି ଖୁସି ହୋଇ ତାର କାମ କରିଚାଲିଲା। କିଛି ଦିନ ପରେ ସେ ଦେବୀ ମାଙ୍କୁ କହିଲା ମାଆ ଏ ପଣ୍ଡିତ ମାନେ ତୋ ଆଗରେ କଣ ସବୁ ପଢୁଛନ୍ତି ମୁଁ କିଛି ବୁଝି ପାରୁନି କିନ୍ତୁ ମୋର ଇଛା ହେଉଛି ମୁଁ ଜାଣିଥିବା କଳା କୌଶଳ ତୋତେ ଦେଖାଇବା ପାଇଁ। ଏକଥା କହି ପଣ୍ଡିତ ମାନେ ଯିବା ପରେ ସେ ସର୍କସରେ ଜାଣିଥିବା ଖେଳ ମାଆଙ୍କ ଆଗରେ ଦେଖାଇଲା। ହଠାତ୍ ଦେବୀ ମାଆ ତା ଆଗରେ ପ୍ରକଟ ହୋଇ କହିଲେ ତୁ ଆଉ ମୋତେ ତୋର ଜାଣିଥିବା ଖେଳ ଦେଖା ମୋତେ ବହୁତ ଭଲ ଲାଗୁଛି। ପିଲାଟି ଯାହା ସବୁ ଜାଣିଥିଲା ସବୁ ଦେଖାଇଲା। ଏଣେ ପିଲାଟିର ଡେରି ଦେଖି ପୂଜକ ତାକୁ ଖୋଜିବାକୁ ମନ୍ଦିର ଭିତରେ ଆସି ଦେଖନ୍ତି ଯେ ମାଆ ବିଜେ ହୋଇଛନ୍ତି ଆଉ ବାଳକଟି ତାଙ୍କୁ ଖେଳ ଦେଖାଉଛି। ପୂଜକଙ୍କ ଆଖିରୁ ଲୋତକ ଗଡିବା ଆରମ୍ଭ କଲା। ସେ କହିଲେ ମୁଁ ୪୦ ବର୍ଷ ଦେବୀ ମାଙ୍କୁ ପୂଜା କରି ଯାହା ପାଇ ନଥିଲି ତୁ ଦିନ କେଇଟା ରେ ପାଇଗଲୁ। ପିଲାଟି ସରଳ ହୃଦୟରେ ମାଙ୍କୁ କହିଥିଲା ଯେଉଁଥିରେ କିଛି ଭାଷା ନଥିଲା। କିନ୍ତୁ ଆଜିକାଲି ଦେଖିବାକୁ ମିଳୁଛି ହୃଦୟବିହୀନ ପାଣ୍ଡିତ୍ୟ। ଏବେ ପ୍ରତ୍ୟେକ ପୂଜା ପାର୍ବଣ ରେ ଆମର ପାଣ୍ଡିତ୍ୟ ଅଛି ସିନା ହୃଦୟ ଦେଖିବାକୁ ମିଳୁନାହିଁ। କେବଳ ଭୟ ଆଉ ଲୋଭରେ ଏ ସମସ୍ତ କଥା କରାଯାଉଛି। କିଛି ପାଇବା ଆଶାରେ କରାଯିବା ସହଏହା ନକଲେ କାଳେ ଈଶ୍ୱର ଭଗବାନ ରାଗିବେ ସେଥିପାଇଁ କରାଯାଉଛି। ଆଧ୍ୟାତ୍ମିକ ସଦାସର୍ବଦା ନିତ୍ୟନୂତନ, ଆପଣା ଭିତରେ ଯେଉ ଆଧ୍ୟାତ୍ମିକ ଗୁଣ ରହିଛି ପ୍ରେମ, ଭକ୍ତି ଓ କୃତଜ୍ଞତା ତାହା ସେଇ ସମୟରେ ଆପଣଙ୍କ ହୃଦୟରୁ ବାହାରିବା ଦରକାର ଆଉ ତାହାହିଁ ସେଇ ସମୟ ପାଇଁ ଉପଚାର। ଆଜିକାଲି ରାକ୍ଷୀ ପୂର୍ଣ୍ଣିମାରେ ଭିନ୍ନ ସ୍ଥିତି ଦେଖିବାକୁ ମିଳିଲାଣି। ସେଦିନର ଭାଇ ଭଉଣୀର ସ୍ନେହ ପ୍ରେମ ଶ୍ରଦ୍ଧା ଆଉ ଆଜିକାଲି ନାହିଁ। କେବଳ ଏକ ଉପଚାରିକତାକୁ ପାଳନ କରିବାକୁ ଯାଇ ଏ ପର୍ବ ପାଳିତ ହେଉଛି। ସମୟ ସହ ତାଳ ଦେଇ ଚାଲିବା ଦରକାର ସତ ହେଲେ ଆଉ ପରମ୍ପରା ଆଉ ଐତିହ୍ୟକୁ ଭୁଲି ପୂଜା ପାର୍ବଣକୁ ନିଜ ଢଙ୍ଗରେ ପାଳନ କେତେଦୁର ଯୁକ୍ତିଯୁକ୍ତ ତାହା ବ ର୍ମାନ ସମୟର ସବୁଠାରୁ ବଡ ଆହ୍ୱାନ।

ଭୁବନେଶ୍ୱର
ମୋ:୯୪୩୯୦୧୧୦୬୩

# ସତ୍ୟଯୁଗରୁ ପାଳିତ ହେଉଛି ଭୌମୀ ଏକାଦଶୀ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଭୌମୀ ଏକାଦଶୀ ପଡ଼ିଥାଏ। ଏହି ବ୍ରତର ଅନ୍ୟନାମ ହେଉଛି ଜୟା ଏକାଦଶୀ। ଏହା ସତ୍ୟଯୁଗରୁ ଏହି ବ୍ରତ ପାଳନ ହୋଇ ଆସୁଅଛି । ପୁରାଣର କଥନିକା ଅନୁଯାୟୀ ବାସବ (ଇନ୍ଦ୍ର)ଙ୍କର ଅଭିଶାପ ପାଇ ମାଲ୍ୟବନ୍ତ ଓ ପୁଷ୍ପଦନ୍ତୀ ପିଶାଚ ଓ ପିଶାଚିନୀ ହୋଇଥିଲେ । ସେମାନେ ଅଭିଶାପ ପାଇ ଏହାର ମୁକ୍ତି ନିମନ୍ତେ ଆହାର-ନିଦ୍ରା-ମୈଥୁନ ପରିତ୍ୟାଗ କରି ଭକ୍ତି ଓ ନିଷ୍ଠାର ସହିତ ଶ୍ରୀବିଷ୍ଣୁଙ୍କୁ ଧ୍ୟାନ କଲେ । ସେଦିନ ଥିଲା ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥି । ଅନ୍ତର୍ଯ୍ୟାମୀ ନାରାୟଣ ଶ୍ରୀବିଷ୍ଣୁ ଆବିର୍ଭୂତ ହୋଇ ଆଶୀର୍ବାଦ କଲେ ଏବଂ ଅଭିଶାପରୁ ମୁକ୍ତି ହେଲ ବୋଲି କହିଲେ । ଏହାଶୁଣି ପିଶାଚ ପିଶାଚୁଣୀ କୃତକୃତ୍ୟ ହେଲେ । ଶେଷରେ ଏହି ବ୍ରତ ପାଳନ କରି ମୁକ୍ତ ହୋଇଥିଲେ ଓ ଦେହାନ୍ତେ ସ୍ୱର୍ଗବାସୀ ହୋଇଥିଲେ । ସେହିଦିନଠାରୁ ଏହି ବ୍ରତ ସମଗ୍ର ସଂସାରରେ ପାଳିତ ହୋଇଆସୁଅଛି । ନିଷ୍ଠା ଓ ଭକ୍ତିର ସହ ଉପବାସ ରହି ପାଳନ କରିବା ହେଉଛି ଏହି ବ୍ରତର ମୁଖ୍ୟ ବିଧି ଓ ବିଧାନ । ଏହି ବ୍ରତ ପାଇଁ କିଛି ଆଧ୍ୟାତ୍ମିକ ତତ୍ତ୍ୱ ଅନୁଯାୟୀ ନିୟମ ରହିଛି। ବିପ୍ର ହତ୍ୟା ଆଦି ମହାପାପରୁ ମୁକ୍ତି ମିଳେ । ସକଳ କାର୍ଯ୍ୟରେ ମଙ୍ଗଳ ତଥା ବିଜୟ ହୁଏ । ଓଡ଼ିଶାର ଆଧ୍ୟାତ୍ମିକ ଓ ଦେବ ପାଳନର ବିଶ୍ୱାସ ଅନୁଯାୟୀ ଏହା ଅନ୍ୟତମ ଶ୍ରେଷ୍ଠ ଏକାଦଶୀ। ଗାଁ ଗଣ୍ଡାରେ ଥିବା ଭାଗବତ ଗାଦି ଓ ଜଗନ୍ନାଥ ମନ୍ଦିରରେ ହରିପାଠ ସହ ଅନ୍ନଦାନ ସେବା ହୋଇଥାଏ। ସନ୍ଧ୍ୟାରେ ଅଷ୍ଟପ୍ରହରୀ ନାମଯଜ୍ଞ ଆୟୋଜିତ ହୋଇଥାଏ। ଏହି ଦିନ ପୁରୀସ୍ଥିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ରହିଥାଏ। ଭକ୍ତି, ନିଷ୍ଠାର ସହ ଏହି ଏକାଦଶୀ ପାଳନ କଲେ ଅନେକ ପୁଣ୍ୟଫଳ ପ୍ରାପ୍ତି ହେବା ସହ ସକଳ ଦୋଷାଦୋଷ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଭାରତୀୟ ସଂସ୍କୃତିରେ ଗଙ୍ଗାଧରଙ୍କ ପ୍ରତିଭା ସୁମନର ଦିବ୍ୟ ସୁରଭି


ଉମାଶଙ୍କର ପ୍ରସାଦ

ଓଡିଆ ସାହିତ୍ୟାକାଶରେ ଗଙ୍ଗାଧର ଥିଲେ ଉଜ୍ଜ୍ୱଳତମ ନକ୍ଷତ୍ର। ପ୍ରାଚ୍ୟ ପରମ୍ପରା ଓ ଆଦର୍ଶରେ ଅନୁପ୍ରାଣିତ କବି ଗଙ୍ଗାଧର ଭାରତୀୟ ସଂସ୍କୃତି ଓ ସାହିତ୍ୟକୁ ଆଧାରିତ କରି ଅଜସ୍ର କାବ୍ୟ ସୁରଭି ସୃଷ୍ଟି କରିଛନ୍ତି। ଏହି ମହାନ କାବ୍ୟ ପ୍ରତିଭା ୧୮୬୨ ମସିହା ଅଗଷ୍ଟ ମାସ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ରେ ସମ୍ବଲପୁର ଜିଲ୍ଲାର ବରପାଲିର ଏକ ଭୁଲିଆ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମଥିଲା ଚୈତନ୍ୟ ଓ ମାତାଙ୍କ ନାମ ସେବତୀ। ଉତ୍କଟ ଦାରିଦ୍ର୍ୟ ହେତୁ ଗଙ୍ଗାଧର ଉଚ୍ଚଶିକ୍ଷା ଲାଭ କରିପାରିନଥିଲେ। ଏହାସତ୍ତ୍ୱେ ସେ ଅଧ୍ୟୟନ ଓ ଜ୍ଞାନ ଆହରଣରୁ ବିରତ ହୋଇ ନଥିଲେ। ବିଦ୍ୟାଳୟ ଛାଡିବା ପରେ ସେ – ଲାବଣ୍ୟବତୀ, ସୁଭଦ୍ରା ପରିଣୟ, ରସିକ ହାରାବଳୀ, ବୈଦେହୀଶବିଳାସ ପ୍ରଭୃତି କାବ୍ୟ ଅଧ୍ୟୟନ କରିଥିଲେ। ଉଣା ଅଧିକେ ଇଂରାଜୀ ମଧ୍ୟ ତାଙ୍କୁ ଜଣାଥିଲା। ନିଜ ଦକ୍ଷତାରେ 'ତମସୁକ' ଲେଖି ସେ ଯେଉଁ ଅର୍ଥ ଉପାର୍ଜନ କରୁଥିଲେ ସେଥିରେ ସେ ପୁସ୍ତକ କ୍ରୟକରି ପାଠ କରୁଥିଲେ। ମାତ୍ର ୧୬ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା। ପିଲାଟି ବେଳରୁ ପରିବାର ପ୍ରତିପୋଷଣର ଭାର ତାଙ୍କୁ ବହନ କରିବାକୁ ପଡିଥିଲା। ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ବସ୍ତ୍ର ବୟନ କରିବାରେ ସେ ନିଜକୁ ନିୟୋଜିତ କରୁଥିଲେ। ରାତ୍ରକାଳରେ ଦୀପାଲୋକରେ ସେ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ କରୁଥିଲେ ଫଳରେ ତାଙ୍କୁ ବୟନଜନିତ ଶ୍ରମ ବାଧୁନଥିଲା। ୧୮୮୫ ମସିହାରେ ବରପାଲିର ଜମିଦାରଙ୍କ ପାଖରେ ନିଜର ବିଦ୍ୱତା ଯୋଗୁ ମାସିକ ୭ ଟଙ୍କାରେ ଅମିନ ଚାକିରି କରିଥିଲେ। ୧୮୯୯ ମସିହାରେ ଜୁଡିସିଏଲ ମୋହରିର ଭାବେ ପଦୋନ୍ନତି ପାଇ ମାସକୁ ୧୫ ଟଙ୍କା ବେତନ ପାଇଲେ । ୫୫ବର୍ଷ ବୟସରେ ଅବସର ପରେ ସେ ମାସକୁ ୧୧ ଟଙ୍କା ପେନସନ ପାଉଥିଲେ। ନିଜର ଜୀବନରେ ସେ ବହୁଝଡଝଞ୍ଜାର ସମ୍ମୁଖୀନ ହୋଇଥିଲେ। ନିଜ ଜୀବନର କାହାଣୀକୁ ସେ କବିତାରେ ପ୍ରସ୍ଫୁଟିତ କରଛନ୍ତି ଯାହାହେଲା "ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର- ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର"। ସେ ଏକଧାରରେ କାବ୍ୟକାର ଓ ଗୀତିକବି ଥିଲେ। ଜଣେ ସ୍ୱଭାବ କବି ଭାବରେ ତାଙ୍କ ପଦ୍ୟ ଗୁଡିକରେ ପ୍ରାଚ୍ୟ ଭାବଧାରାର ବନ୍ଦନା, ଆଦର୍ଶ ଦାମ୍ପତ୍ୟ ପ୍ରେମର ଉପାସନା, ଆର୍ଯ୍ୟ ଚେତନା ପ୍ରଭୃତି ଦେଖିବାକୁ ମିଳେ।

କବିଙ୍କର ଆଦ୍ୟ ରଚନା ହେଲା 'ରସରତ୍ନାକର'। ଉପେନ୍ଦ୍ରଭଞ୍ଜ ଙ୍କ 'କଳାକଉତୁକ' ଓ ଦୀନକୃଷ୍ଣଙ୍କ 'ରସକଲ୍ଲୋଳ' କାବ୍ୟ ଆଧାରରେ ସେ ତାଙ୍କର ରସରତ୍ନାକର କୁ ଆଦ୍ୟ ଓ ପ୍ରାନ୍ତ ର ଥାଇ ରଚନା କରିଥିଲେ। ରସରତ୍ନାକର ମେହେର ପ୍ରତିଭାର ଅଙ୍କୁର ମାତ୍ର। ଏହାର ଦୁର୍ବଳତା ଅଙ୍କୁରର ଦୁର୍ବଳତା ହିଁ ଅଟେ। ପରବ ୀ ଜୀବନରେ ଏହି ଅଙ୍କୁର ପଲ୍ଲବିତ, କୋରକତ, ପୁଷ୍ପିତ ହୋଇ ବନସ୍ପତିର ଦୃଢତା ଲାଭ କରି ନିଜର ଅପୂର୍ବ ମହିମାରେ ଦଣ୍ଡାୟମାନ ବୋଲି ଆଲୋଚକ କେଶବ ଚନ୍ଦ୍ର ମେହେର କହିଛନ୍ତି। ୧୮୯୨ ମସିହାରେ ଗଙ୍ଗାଧର ପ୍ରଥମେ ସଂସ୍କୃତ ଛନ୍ଦ ନିୟମରେ ଏହାକୁ ରଚନା କରିଥିଲେ। ତାଙ୍କ କବିଗୁରୁ ରାଧାନାଥ ଏହାକୁ ପାଠକରି ତାଙ୍କର ଅନ୍ତର୍ନିହିତ ପ୍ରତିଭାର ପରିଚୟ ପାଇଥିଲେ। ଏବଂ ତାଙ୍କ ଉପଦେଶ ଅନୁସାରେ ସେ ବଙ୍ଗଳାଶ୍ରୀ ଛାନ୍ଦରେ ରଚନା ଆରମ୍ଭ କରିଥିଲେ। ପାପ ପ୍ରଣୟ ହେତୁ ଅଭିଶପ୍ତା ଅହଲ୍ୟା ପ୍ରସ୍ତରରେ ପରିଣତ ହୋଇ ରାମଙ୍କ ଚରଣଲାଗି ମୁକ୍ତିଲାଭ ଓ ତାଙ୍କ ଚରଣ ବନ୍ଦନା ହିଁ 'ଅହଲ୍ୟା ସ୍ତବ'ର ବିଷୟ ବସ୍ତୁ। ଏହା ଓଡିଆ ସହିତ୍ୟରେ ଭକ୍ତିରସାତ୍ମକ ର ଏକ ଅନବଦ୍ୟ ସୃଷ୍ଟି। ଗଙ୍ଗାଧରଙ୍କ ପ୍ରଥମ ପ୍ରକାଶିତ କାବ୍ୟ ଥିଲା 'ଇନ୍ଦୁମତୀ'। ଏହା କାଳିଦାସଙ୍କ ରଘୁବଂଶ କାବ୍ୟର ପଞ୍ଚମ ସର୍ଗଠାରୁ ଅଷ୍ଟମ ସର୍ଗ ପର୍ଯ୍ୟନ୍ତ କଥାବସ୍ତୁ ଉପରେ ଆଧାରିତ। କବିବର ରାଧାନାଥ ଇନ୍ଦୁମତୀ ପାଣ୍ଡୁଲିପିଟି ପାଠକରି ଅତ୍ୟନ୍ତ ପ୍ରୀତ ହେବା ସହ ଲେଖିଥିଲେ " ମୂଳଚରିତ ରଘୁବଂଶରୁ ସଂଗୃହୀତ ହୋଇଥିଲେ ହେଁ ଏହାର ଭାବ ଓ ଭାଷା ଦୃଷ୍ଟିରୁ ମୁଁ ଏହାକୁ ଅଭିନବ ଏବଂ ଉତ୍କୃଷ୍ଟ କାବ୍ୟ ରୂପେ ଗ୍ରହଣ କରିବାକୁ ଲେଶମାତ୍ର କୁଣ୍ଠିତ ହେବିନାହିଁ"। ଯଦିଓ ଗଙ୍ଗାଧର ରଘୁବଂଶ ରୁ ବିଷୟବସ୍ତୁ ଆହରଣ କରିଥିଲେ ତଥାପି ସେ ସେଥିରେ ତାଙ୍କର ନିଜସ୍ୱ ଓ ସ୍ୱାତନ୍ତ୍ର୍ୟତା ଫୁଟାଇଛନ୍ତି। ତାଙ୍କର ଚରିତ୍ର ଚିତ୍ରଣ ଓ ପ୍ରକୃତି ଚିତ୍ରଣ ମନୋଜ୍ଞ ହୋଇଛି। ଏହି କାବ୍ୟଟି ଉପମା ପ୍ରୟୋଗରେ ମୌଳିକତା ପରିଦୃଷ୍ଟ ହୁଏ। ଯଥା;- "ଚିରସ୍ଥାୟୀ ନୁହେଁ ଶରୀର ପାଦପ /ଭବ ତରଙ୍ଗିଣୀ ତୀରେ- ପ୍ରାଣ ମୂଳମାଟି ଧୌତ ହୋଇଗଲେ ଭାସିଯାଏ କାଳ ନୀରେ" 'ଇନ୍ଦୁମତୀ' ଥିଲା ଗଙ୍ଗାଧରଙ୍କ ପ୍ରତିଭା ସୁମନର ଦିବ୍ୟ ସୁରଭି' ବୋଲି ଅସିତ କବି ନିଜର ମତ ବାଢିଛନ୍ତି। ପଲ୍ଲୀକବି ନନ୍ଦକିଶୋର 'ଇନ୍ଦୁମତୀ' ପାଠ କରି ଅଭିଭୂତ ହେବାସହ ନିଜର ପତ୍ରରେ ଲେଖିଥିଲେ "ପଢିଅଛି 'ଇନ୍ଦୁମତୀ' କାବ୍ୟ କେତେଥର, ସେହିଠାରେ ପରିଚୟ ତୁମ୍ଭର ମୋହର"। ସେ ଆଉ ମଧ୍ୟ କହିଥିଲେ ଗଙ୍ଗାଧର ଓଡିଶାରେ ଜନ୍ମ ଗ୍ରହଣ ନକରି ଉନ୍ନତ ଦେଶରେ ଯଦି ଜନ୍ମ ଗ୍ରହଣ କରିଥାନ୍ତେ ତେବେ ତାଙ୍କର ଯଶ ଚାରିଆଡେ ପରିବ୍ୟାପ୍ତ ହୋଇଥାନ୍ତା।

୧୮୯୪ ରେ 'ଉତ୍କଳଲକ୍ଷ୍ମୀ' ବାରିପଦାରୁ ଅସମ୍ପୂର୍ଣ୍ଣ ଭାବରେ ପ୍ରକାଶ ପାଇଥିଲେ ପରେ ତାହା ରାଧାନାଥ ଙ୍କ ସଂସୋଧନ ପରେ ୧୯୧୪ ମସିହାରେ ପୂର୍ଣ୍ଣାଙ୍ଗ ଭାବରେ ଆତ୍ମପ୍ରକାଶ ପାଇଲା। ସେ ସମ୍ବଲପୁର ହିତୈଷିଣୀରେ 'ଭାରତୀ ରୋଦନ ଶୀର୍ଷକ କବିତାରେ' ଉତ୍କଳଭାଷୀ ଙ୍କୁ ସତର୍କ କରାଇ ଦେଇ କହିଥିଲେ 'ବେଳ ଥାଉ ଥାଉ ବନ୍ଧ ବାନ୍ଧରେ କୁମର' ଏବଂ ଓଡିଆ ଭାଷା ଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାର କଳ୍ପନା କରିଥିଲେ। "ଉତ୍କଳଲକ୍ଷ୍ମୀ" ଙ୍କୁ ସମ୍ବୋଧନ କରି ସେ କହିଥିଲେ-"କାହିଁ କୁସୁମିତ ଲତା ଦୋଳିମାନ ହୋଇଛନ୍ତି ସୁସଜ୍ଜିତ—ତୋତେ ଦୋଳାୟିତ ପାଇଁ ବିହଙ୍ଗମେ ବସି ଗାଉଛନ୍ତି ଗୀତ"। ସମ୍ବଲପୁର ହିତୈଷିଣୀ ୧୮୯୬ ମସିହା ଜାନୁୟାରୀ ପହିଲାରେ ଏକ ଅସମ୍ପୂର୍ଣ୍ଣ କାବ୍ୟର କଠୋର ସମାଲୋଚନା କରିଥିଲା ଯାହା ଗଙ୍ଗାଧରଙ୍କୁ ହତୋତ୍ସାହ କରିଥିଲା ଏବଂ ଦୀର୍ଘକାଳ ସେଆଉ କୌଣସି ରଚନାରେ ବ୍ରତୀ ହୋଇନଥିଲେ। ଏହାକୁ ଲକ୍ଷ କରି ନନ୍ଦକିଶୋର ଏକ କବିତାରେ ଲେଖିଥିଲେ " ଖଣ୍ଡେ କାବ୍ୟ ଲେଖି ଦେଇ ରହିଲ ନିଶ୍ଚିନ୍ତ / ଐଶୀ ଶକ୍ତି ନାଶୀ କର୍ମେ ହେବା କି ଉଚିତ ?" ତାପରେ ଗଙ୍ଗାଧର ନନ୍ଦକିଶୋର ଙ୍କ ଅନୁରୋଧରେ ରଚନା ଆରମ୍ଭ କରି ଲେଖିଲେ 'କୀଚକ-ବଧ'। ଏହି କୀଚକ-ବଧ କବିତାରେ ତାଙ୍କର ବସନ୍ତ ବର୍ଣ୍ଣନା ଅତ୍ୟନ୍ତ ଚମକପ୍ରଦ। ଯଥା " ବସନ୍ତ ବିଜୟ ବାରତା ପ୍ରଚାରିଲା ଭୂବନେ / ପାଦପ ଆନୀତ ପତର ପରଭୃତ ପଠନେ / ଗ୍ରହରାଜ କର୍ଣ୍ଣେ ପଡିଲା ଋତୁ ସମ୍ରାଟ ଭାଷା, ଗମିଲେ ସରଳ ପତରେ ତେଜି ଦକ୍ଷିଣ ଆଶା"। ତାଙ୍କର ପ୍ରକୃତିଥିଲା ସଜୀବ। ତାଙ୍କର ରଚିତ " ପଦ୍ମିନୀ, କବିତା କଲ୍ଲୋଳ, ଅଯୋଧ୍ୟା ଦୃଶ୍ୟ ଓ 'ତପସ୍ୱିନୀ'' କାବ୍ୟ ଗୁଡିକ ଅତ୍ୟନ୍ତ ମନଲୋଭା। 'ଅଯୋଧା ଦୃଶ୍ୟ' ରେ ସେ ରାମଙ୍କର ବନବାସ ପରେ ଅଯୋଧାର ଦୃଶ୍ୟ କୁ ଅତି କରୁଣ ଓ ଜୀବନ୍ତ ଭାବରେ ବର୍ଣ୍ଣନା କରିଚନ୍ତି ଯାହା କେବଳ ତାଙ୍କରି ଭଳି ଶିଳ୍ପୀ ପକ୍ଷେ ସମ୍ଭବ-" ରାମ ତହିଁ ଚନ୍ଦ୍ର ସୀତା ଚନ୍ଦ୍ରିକା ସୁନ୍ଦର/ ଖେଳୁଥିଲେ ସଉମିତ୍ରୀ ହୋଇ ପିକବର । ମନ୍ଥରା ମନ୍ତ୍ରଣା-ମେଘ ଆସି ଅକସ୍ମାତ- ସବୁ ନଷ୍ଟ କଲା କରି କରକା ନିପାତ। ନାହିଁ ଚନ୍ଦ୍ର ନାହିଁ ଆଉ ଚନ୍ଦ୍ରିକାର ଛଟା / ଘୋଟିଛି କେବଳ ଗାଢ ବିଷାଦର ଘଟା।" ତପସ୍ୱିନୀ କାବ୍ୟର ବିଷୟ ବସ୍ତୁ ଆଦର୍ଶ ଓ ବାସ୍ତବର ସଂଘର୍ଷ ଉପରେ ପ୍ରତିଷ୍ଠିତ। ଏ ଦ୍ୱନ୍ଦ ଏ ଚି ସଂଘର୍ଷ ପରିସ୍ଥିତି ଭେଦରେ ଯେପରି ଶୋକପ୍ରଦ ଓ କରୁଣ ରସସିକ୍ତ, ତାକୁ ରୂପାୟନ କରିବାରେ କବିତା ମଧ୍ୟ ବିଚିତ୍ର ଓ କମନୀୟ। କବିଙ୍କ ରଚିତ 'ପ୍ରଣୟ ବଲ୍ଲରୀ' ଅଭିଜ୍ଞାନ ଶକୁନ୍ତଳମ୍‌ର କଥାବସ୍ତୁ କୁ ନେଇ ରଚିତ। ଏହାର ଆରମ୍ଭରେ ସେ ବ୍ୟାସଦେବ ଓ କାଳିଦାସ ଉଭୟଙ୍କର ସ୍ତୁତି ଗାନ କରିଛନ୍ତି। କବିଙ୍କର 'ଅର୍ଘ୍ୟଥାଳୀ, କୃଷକ ସଙ୍ଗୀତ, ଭାରତୀ ଭାବନା' ଥିଲା କାଳଜୟୀ। ପରିଶେଷରେ ଏତିକି କହିବି ପୃଥିବୀ ବକ୍ଷରେ ଯେତେଦିନ ପର୍ଯ୍ୟନ୍ତ ଓଡିଆ ସାହିତ୍ୟ ବଂଚି ରହିଥିବ, ଗଙ୍ଗାଧର ସେତେଦିନ ପର୍ଯ୍ୟନ୍ତ କାଳଜୟୀ ହୋଇ ରହିଥିବେ। ସେଥିପାଇଁ ନନ୍ଦକିଶୋର ଲେଖିଥିଲେ "ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ ମଣ୍ଡିତ / କାଳ ବଳେ ହେବେ ସର୍ବେ ଭବୁ ଅନ୍ତର୍ହିତ- କିନ୍ତୁ ତୁମେ ଦୀନ କବି ରହିବ ଜୀବିତ / ଯେତେଦିନ ଭବେ ଥିବ ଓଡିଆ ସାହିତ୍ୟ"।

ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ରକ୍ଷା ବନ୍ଧନ


ଅକ୍ଷୟ କୁମାର ରାଉତ

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ । ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେ ମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ। ଗୋ ରସରୁ ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗଦ୍ୟର ଆବଶ୍ୟକତା ଅଛି । ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ । ରାକ୍ଷୀ ବନ୍ଧନ ସର୍ମ୍ପକରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି। ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସମ୍ପର୍କକୁ ଅତୁଟ ରଖିଥିଲେ। ମାତା ସିତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା' ମାନେ ନିଜ ନିଜ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନ ମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍‌ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍‌ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍‌ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ । ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୁରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ। ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ରାକ୍ଷୀ ବନ୍ଧନ କରି ବିଶ ଭାତୃତ୍ୱକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମି ଚନ୍ଦ୍ରଶେଖର ଆଜାଦ୍ ଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା। ଅଭାବି ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରସ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତ ଲଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି। ତା'ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ।

ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପର୍ଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ। ମହାରଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ । ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣ ମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ।

ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଇର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ। ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତା ଏହି ରକ୍ଷାବନ୍ଧନର ମୂଳତତ୍ୱ। ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ।

ପାରାଦ୍ୱିପଗଡ, କୁଜଙ୍ଗ
ଜଗତସିଂହପୁର
ମୋ. ନଂ-୯୯୩୭୬୯୧୪୭୫

# କ୍ରୀଡ଼ା ପ୍ରତି ଆବେଗ, ନୀରଜ ଓ ଆଥଲେଟିକ୍ସ


ବିପିନ ବିହାରୀ ରାଉତ

ଆଜି କ୍ରୀଡ଼ା ଦିବସ ଏହି ମାତ୍ର ସମସ୍ତ ଭାରତୀୟଙ୍କ ପାଇଁ ଖୁସିର ଆବେଗ ସୃଷ୍ଟି କରିଛନ୍ତି ନୀରଜ। ସେ ସ୍ୱର୍ଣ୍ଣ ପଦକ ପାଇବା ତାଙ୍କ ସ୍ୱର୍ଣ୍ଣିମ ଯାତ୍ରା ହିଁ ଭାରତୀୟ ଆଥଲେଟିକ୍ସକୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଦେଇଛି। ବିଗତ ଶତାବ୍ଦୀର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ହକି ଯାଦୁଗର ଓ ଭାରତକୁ ବିଶ୍ୱ ହକିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇଥିବା ଧ୍ୟାନଚାନ୍ଦଙ୍କର ଅତୁଳନୀୟ ଅବଦାନକୁ ମନେପକାଇ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି । ଧ୍ୟାନଚାନ୍ଦ ଜଣେ ମହାନ ଜାତୀୟବାଦୀ ଓ ଜାତିକ୍ରମରେ ଉଦ୍‌ବୃଦ୍ଧ ବ୍ୟକ୍ତିଥିଲେ । ଜାତୀୟତା ଭାବପ୍ରସାରଣରେ କ୍ରୀଡ଼ା ହେଉଛି ସର୍ବୋତ୍କୃଷ୍ଟ ମାଧ୍ୟମ ଏହାକୁ ମର୍ମେ ମର୍ମେ ଅନୁଭବ କରି ହକି ଖେଳକୁ ଜାତୀୟ ଭାବନା ଓ ପ୍ରାଣର ସ୍ପନ୍ଦନରୂପେ ଉଦ୍‌ଜୀବିତ କରିପାରିଥିଲେ । ଧ୍ୟାନଚାନ୍ଦଙ୍କ ଦେଶାତ୍ମବୋଧର ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି ଯେ, କ୍ରୀଡ଼ା ହେଉଛି ଏପରି ଏକ ବୈଭବ ଓ ପ୍ରବୃତ୍ତି, ଯାହା ପ୍ରତ୍ୟେକ ବ୍ୟକ୍ତିକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଅନୁପ୍ରାଣିତ କରିବା ସହ ବିଭିନ୍ନ ଦେଶ ଓ ବିଭିନ୍ନ ଜାତି ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନାର ଏକ ସଂଯୋଗ ସେତୁ ଭାବେ କାର୍ଯ୍ୟ କରେ । କୁହାଯାଏ ଯୁଦ୍ଧ ବ୍ୟତୀତ ଆଉ କୌଣସି କଥା ସମଗ୍ର ଦେଶକୁ ଏକତାର ଡୋରୀରେ ବାନ୍ଧି ପାରୁଥାଏ ତାହା ହେଉଛି କ୍ରୀଡ଼ା । ସମ୍ଭବତଃ ସେଥିପାଇଁ ଅଲମ୍ପିକ୍ କ୍ରୀଡ଼ାକୁ ବିନା ଅସ୍ତ୍ରରେ ବିଶ୍ୱଯୁଦ୍ଧର ଆଖ୍ୟା ଦିଆଯାଏ । କ୍ରୀଡ଼ା ମାଧ୍ୟମରେ ଯୁବଶକ୍ତି ନିଜ ଶକ୍ତି ଓ ସାମର୍ଥ୍ୟକୁ ସତ୍‌ମାର୍ଗରେ ଉପଯୋଗ କରିବା ସହ ଭବିଷ୍ୟତର ସୁସ୍ଥ ଜୀବନ ପାଇଁ ମୂଳଦୁଆ ପକାଇଥାଏ । ଜଣେ ଉନ୍ନତ କ୍ରୀଡ଼ାବିତ୍ ଗଢ଼ିବା ପାଇଁ ପିଲାବେଳୁ ଭିତ୍ତିଭୂମି ପଡ଼ିଥାଏ । କିନ୍ତୁ କ୍ଷୋଭର ପ୍ରସଙ୍ଗ ସରକାରୀସ୍ତରରେ କ୍ରୀଡ଼ାକୁ ସେପରି ପ୍ରୋତ୍ସାହନ ମିଳିନଥାଏ । ଦେଖାଯାଉଛି ପ୍ରତି ବର୍ଷ କ୍ରୀଡ଼ା ବଜେଟ୍‌ରେ ସେପରି କିଛି ପ୍ରୋତ୍ସାହନ ମୂଳକ କିମ୍ବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଯୋଜନା ରହିନଥାଏ । ପରିତାପର ବିଷୟ ଆମ ଦେଶରେ ଆଜି ପର୍ଯ୍ୟନ୍ତ କ୍ରୀଡ଼ାକୁ ଆମେ ଜୀବନର ମୁଖ୍ୟ ସ୍ରୋତରେ ସାମିଲ କରିପାରୁନାହୁଁ । ସ୍ୱାଧୀନତା ପୂର୍ବରୁ ଏବଂ ପରବର୍ତ୍ତୀ ଷାଠିଏ ଦଶକ ପର୍ଯ୍ୟନ୍ତ ହକି କ୍ରୀଡ଼ାରେ ଅପ୍ରତିଦ୍ୱନ୍ଦୀ ବିଶ୍ୱ ଚମ୍ପିଆନ ଥିଲୁ । ଏବଂ ଏହି ସଫଳତାର ଆଦ୍ୟଜନକ ଥିଲେ ସ୍ୱର୍ଗତଃ ଧ୍ୟାନଚାନ୍ଦ । କୁହାଯାଏ ଯେ, ତତ୍‌କାଳୀନ ଜର୍ମାନର ଏକଛତ୍ରବାଦୀ ଶାସକ ଧ୍ୟାନଚାନ୍ଦଙ୍କର ଅପୂର୍ବ କ୍ରୀଡ଼ା କୌଶଳରେ ଆତ୍ମହରା ହୋଇ ତାଙ୍କୁ ଜର୍ମାନ ସେନାର ସର୍ବୋଚ୍ଚ ସମ୍ମାନରେ ସମ୍ବର୍ଦ୍ଧିତ କରିବା ପାଇଁ ଇଚ୍ଛାବ୍ୟକ୍ତ କରିଥିଲେ । କିନ୍ତୁ ଦେଶପ୍ରେମୀ ଧ୍ୟାନଚାନ୍ଦ ବିନମ୍ରତାର ସହ ଏହି ଉପହାରକୁ ପ୍ରତ୍ୟାଖାନ କରିଥିଲେ । ସଂଯୋଗ ବଶତଃ ସେହିଦିନଟି ଥିଲା ୧.୦୯.୧୯୩୬ ମସିହାର ଅଗଷ୍ଟ ପନ୍ଦର ତାରିଖ ଓ ତାହାର ଏଗାର ବର୍ଷ ପରେ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଭାରତ ବ୍ରିଟିଶ ଶାସନରୁ ମୁକ୍ତିଲାଭ କରି ସ୍ୱାଧୀନ ରାଷ୍ଟ୍ର ଭାବରେ ପରିଚିତ ହୋଇଥିଲା । ସଂପ୍ରତି ଲୋକପ୍ରିୟ କ୍ରିକେଟ ଖେଳପରି ହକି କିମ୍ବା ଫୁଟ୍‌ବଲ ଖେଳ ସେପରି ଲୋକପ୍ରିୟତା ପାଇପାରୁନାହିଁ । କାରଣ କ୍ରିକେଟ ଖେଳପରି ପ୍ରାଚୀନ ହକି ଖେଳକୁ ସେପରି ପ୍ରୋତ୍ସାହନ ଓ ସମର୍ଥନ ମିଳୁନାହିଁ । ସଂପ୍ରତି ଅଲମ୍ପିକ କ୍ରୀଡ଼ା ଏକ ମହାନ ଗଣଆନ୍ଦୋଳନରେ ପରିଣତ । ପ୍ରତ୍ୟେକ କ୍ରୀଡ଼ାବିତ୍‌ର ମନର କେଉଁ ଏକ ନିଭୃତ୍ତ କୋଣରେ ଅଲମ୍ପିକ୍‌ରେ ଏହି ପଦକ ହାସଲ କରିବାର ଦୁର୍ବାର ଆକାଙ୍କ୍ଷା ଲୁଚି ରହିଥାଏ । ଏହାର କାରଣ ହେଉଛି ଏହା ସମଗ୍ର ଜାତି ସମକ୍ଷରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ । ଏହାର ବଳିଷ୍ଠ ଉଦାହରଣ ହେଉଛି ୧୯୬୦ରେ ରୋମ୍ ଅଲମ୍ପିକ ପୁରୁଷ ହକି ଫାଇନାଲରେ ଭାରତ ତାର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଠାରୁ ପରାସ୍ତ ହୋଇଥିଲା । ସମଗ୍ର ପାକିସ୍ଥାନ ଉତ୍ସବମୁଖର ହୋଇପଡ଼ିଥିବାବେଳେ ଭାରତୀୟଙ୍କ ମନରେ ପରାଜୟର ଗ୍ଲାନି ଛାଇ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୬୪ରେ ଟୋକିଓ ଅଲମ୍ପିକରେ ଏହାର ପ୍ରତିଶୋଧ ନେଇ ଭାରତ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା । ସେହିପରି ସୋଭିଏତ୍ ଗଣରାଜ୍ୟର ପତନ ହେବାପରେ ଚାଇନା ନିଜକୁ ଆମେରିକାର ସଫଳ ପ୍ରତିଦ୍ୱନ୍ଦ୍ୱୀଭାବେ ଗଢ଼ି ତୋଳିବାକୁ ପ୍ରୟାସ ଜାରି ରଖିଛି । କ୍ରୀଡ଼ାର ସଫଳତା ଏବଂ କ୍ରୀଡ଼ା ବିକାଶ ପାଇଁ ଯାହା ସବୁଠାରୁ ଅଧିକ ପ୍ରୟୋଜନୀୟ ତାହା ହେଉଛି ଏକ ସ୍ୱଚ୍ଛ ଓ ସଂସ୍କୃତି ସମ୍ପନ୍ନ କ୍ରୀଡ଼ା ସଂସ୍କୃତିର ଅଭ୍ୟୁଦୟ । ଯାହାଦ୍ୱାରାକି କ୍ରୀଡ଼ା ଆମ ଜୀବନଧାରାରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ ଯାହାଦ୍ୱାରା ଭାରତ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ସମର୍ଥ ହୋଇପାରିବ । କଟକ ସିଡିଏ ସେକ୍ଟର-ଆଠସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି। ସୂଚନାଥାଉକି ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନଚାନ୍ଦ ସିଂହଙ୍କ ତାଙ୍କର ପବିତ୍ର ଜନ୍ମ ତିଥିକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ସାହିତ୍ୟିକ, କବୟିତ୍ରୀ ତଥା ନାଳନ୍ଦା ପବ୍ଲିକ ସ୍କୁଲର ଅଧକ୍ଷା ସୁଶ୍ରୀ ଯଶ୍ୱସିନୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆମ ଦୈନନ୍ଦିନ ଜୀବନରେ କ୍ରୀଡ଼ା ଓ ବିଭିନ୍ନ ଶାରୀରିକ କାର୍ଯ୍ୟକଳାପର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବଦରେ ସଚେତନ କରାଇବା ସହ କ୍ରୀଡ଼ା ଏଭଳି ଏକ ମାଧ୍ୟମ ଯାହାଦ୍ୱାରା ବିଶେଷକରି କୋମଳମତି ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ, ଅଭିବୃଦ୍ଧିସମ୍ପନ୍ନ, ଦକ୍ଷ ସମର୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଏହା ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ଲାଗି ପ୍ରୋତ୍ସାହିତ କରୁଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ ଓ କ୍ରୀଡ଼ାବିତମାନେ ଯୋଗ ଦେଇଥିଲେ। ସୂଚନାଥାଉକି ଏହି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ଭାବେ କ୍ରୀଡ଼ା ପାଇଁ ପ୍ରୋତ୍ସାହିତ କରିବା ସହ ଅନେକ ବିଦ୍ୟାର୍ଥୀ ରାଜ୍ୟ ଓ ଜାତୀୟସ୍ତରୀୟ କ୍ରୀଡ଼ା ସମୂହରେ ଯୋଗ ଦେଇ ସଫଳତା ପାଇବା ସହ କେବଳ ବିଦ୍ୟାଳୟର ନୁହେଁ ରାଜ୍ୟର ଗୌରବକୁ ଅଭିବୃଦ୍ଧି କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ତେଣୁ ଏ କ୍ଷେତ୍ରରେ ପ୍ରତ୍ୟେକ ଭାରତୀୟଙ୍କ ଏକ ଗୁରୁଦାୟିତ୍ୱ ରହିଛି ଆମର ଜାତୀୟତା, ଐକ୍ୟବଦ୍ଧତାକୁ ପ୍ରମାଣିତ କରିବାର ପ୍ରକୋଷ୍ଠ ସମୟ ପହଞ୍ଚିଛି କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିବା ସହ ବଣମଲ୍ଲୀପରି ପ୍ରତିଭା ଥାଇବି ଛୋଟ ଛୋଟ କ୍ରୀଡ଼ାବିତ୍ ମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱ ସମସ୍ତଙ୍କର । ଖୁସିର କଥା କିଛି ବେସରକାରୀ ଓ ସମାଜସେବୀ ସଙ୍ଗଠନ କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏ କ୍ଷେତ୍ରରେ କ୍ରୀଡ଼ାପ୍ରତି ଶ୍ରଦ୍ଧା ଓ ଆନ୍ତରିକ ରଖିବା ସହ ଶୁଭ କଲ୍ୟାଣ କରିବା ଦାୟିତ୍ୱ ବି ସମସ୍ତଙ୍କର ।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩




## ଡି.ଏ.ଭି କଳିଙ୍ଗନଗର ଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): କିମ୍ବଦନ୍ତୀ କ୍ରୀଡ଼ା ପ୍ରତିଭା ମେଜର ଧ୍ୟାନ୍‌ଚାନ୍ଦଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଡି.ଏ.ଭି କଳିଙ୍ଗ ନଗରଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସହ ଶାରୀରିକ ଦକ୍ଷତା ତଥା ବିଭିନ୍ନ କ୍ରୀଡ଼ା ଭିତ୍ତିକ କାର୍ଯ୍ୟକ୍ରମ ସହ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ମଧ୍ୟ ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ବିପିନ୍ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅବସର ପ୍ରାପ୍ତ ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ଶ୍ରୀଯୁକ୍ତ ନୀଳମାଧବ ଦେଓ ଯୋଗ ଦେଇ କ୍ରୀଡ଼ାଦିବସର ତାତ୍ପର୍ଯ୍ୟ, ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଆବଶ୍ୟକତା ତଥା ଏକ ସୁସ୍ଥ ଶରୀର ସମସ୍ତ କାର୍ଯ୍ୟ ପାଇଁ ଉପଯୋଗୀ ବୋଲି ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବିଭାଗର କ୍ରୀଡ଼ା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଧ୍ୟାନ୍‌ଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଓ ଶିକ୍ଷକଶିକ୍ଷୟିତ୍ରୀ ଧ୍ୟାନ୍‌ଚାନ୍ଦଙ୍କ ଅମ୍ଳାନ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଶାରୀରିକ ଶିକ୍ଷା ବିଭାଗ ତଥା ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା ।

## ଡିଏଭି ପୋଖରୀପୁଟରେ ଜାତୀୟ କ୍ରୀଡ଼ାଦିବସ ପାଳିତ




ଭୁବନେଶ୍ୱର ,(ପି.ଏନ):ଡିଏଭି ପୋଖରୀପୁଟରେ ଜାତୀୟ କ୍ରୀଡ଼ାଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବକଲ୍ୟାଣ ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ଯୋଗ ଦେଇ ଆୟୋଜିତ ଗଣଦୌଡ଼ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରାତଃ ୬.୩୦ ମିନିଟ୍ ସମୟରେ ୩୦୦ ଜଣ ଛାତ୍ରଛାତ୍ରୀ ଗଣଦୌଡ଼ରେ ଅଂଶଗ୍ରହଣ କରିଥିଲେ । ଏଥିରେ ଉଭୟ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ କ୍ରୀଡ଼ାବିତ୍‌ଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା । କ୍ରୀଡ଼ା ହିଁ ଶିକ୍ଷାର ଏକ ଅଂଶବିଶେଷ, ଯଦ୍ୱାରା ମାନସିକ ଶାରୀରିକ ସୁସ୍ଥତା ସମ୍ଭବପର ବୋଲି ମୁଖ୍ୟ ଅତିଥି ବିଦ୍ୟାର୍ଥୀମାନଙ୍କୁ କହିଥିଲେ । ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁ ଦୃଢ଼ ଆତ୍ମବଳ, ଏକାଗ୍ରତା ତଥା ନିୟମିତ ଯୋଗ , ବ୍ୟାୟାମ ଓ ପ୍ରାଣାୟାମ ଅଭ୍ୟାସ ମାଧ୍ୟମରେ ଅସାଧ ସାଧନ ସମ୍ଭବ ବୋଲି ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ନିଜର ଅଭିଭାଷଣରେ କହିଥିଲେ । ପରିଶେଷରେ ବିଦ୍ୟାଳୟର ମୁଖ୍ୟ କ୍ରୀଡ଼ା ଶିକ୍ଷକ ନବକିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କ୍ରୀଡ଼ା ବିଭାଗର ଶିକ୍ଷକ ଦୀପକ ରନ ବେହେରା , ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପଣ୍ଡା ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ୧୨୫ ତମ ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,(ପି.ଏନ): ରାଜ୍ୟର କେତୋଟି ସୁ ପ୍ରସିଦ୍ଧ ହାଇସ୍କୁଲ ମଧ୍ୟରେ ଐତିହ୍ୟ ସମ୍ପନ୍ନ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିବା ସହ ତାର ୧୨୫ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳନ କରିବାକୁ ଯାଉଛି । ଏହି ସଂକ୍ରାନ୍ତରେ ଆଲୁମୁନୀ ଆସୋସିଏସନ୍ ସଭାପତି ତଥା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟର ହେରିଟେଜ ହଲରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ତଥା ପ୍ରକ୍ତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାରଙ୍କ ସଂଯୋଜନାରେ ଏହି ଆଲୁମୁନୀ ଆସୋସିଏସନ ଦ୍ୱାରା ଗଠିତ ହୋଇଥିବା ବିଭିନ୍ନ କମିଟି ସେମାନଙ୍କର ବିସ୍ତୃତ ବିବରଣୀ ଉପସ୍ଥାପିତ କରିଥିଲେ । ଦିଲ୍ଲୀପ କୁମାର ପଟ୍ଟନାୟକ କ୍ରିଡା ସମ୍ବନ୍ଧରେ , ବରିଷ୍ଠ ଅଧିବକ୍ତା ବିଧାନ ଚନ୍ଦ୍ର ମହାନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଧ୍ୟାପକ ଗୋପାଳ ଦାସ ଅବକାଶ ପ୍ରକାଶନ ସମ୍ପର୍କରେ , ଉମାଶଙ୍କର ପ୍ରସାଦ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ସମ୍ପର୍କରେ ସେମାନଙ୍କର ବକ୍ତବ୍ୟ ରଖିଥିବା ସମୟରେ ଆକାଉଣ୍ଟସ୍ ବିଭାଗର ଦାୟୀତ୍ୱରେ ଥିବା ଲକ୍ଷ୍ମୀ ନାରାୟଣ ଭଞ୍ଜ ଆଜିସୁଦ୍ଧା ବିଭିନ୍ନ ବ୍ୟାଚର ଆଲୁମୁନୀଙ୍କ ଦାନର ପରିମାଣ ସମ୍ପର୍କରେ ଆଲୋକପାତ କରିଥିଲେ । ଅବକାଶ ରେ ଲେଖାପ୍ରଦାନ ପାଇଁ ଶେଷ ତାରିଖ ସେପ୍ଟେମ୍ବର ୧୫ ତାରିଖ କୁ ଧାର୍ଯ୍ୟ କରାଯାଇଥିଲା । ଏହି ଆଲୋଚନାରେ ଭାଗନେଇ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଡକ୍ଟର ରାଜକିଶୋର ପରମଗୁରୁ, ଡକ୍ଟର ବିଜୟ କେତନ ପଟ୍ଟନାୟକ, ଡକ୍ଟର ପ୍ରମୋଦ କୁମାର ମେକ୍‌ପ, ସମବାୟବିତ ବିମଳ ଚନ୍ଦ୍ର ଷଡଙ୍ଗୀ,ପ୍ରାକ୍ତନ ଇଂଜିନିୟର ଇନ ଚିଫ୍ ସୁରେନ୍ଦ୍ର କୁମାର ମହାନ୍ତି, ନାବାର୍ଡ ବ୍ୟାଙ୍କ ଅଧିକାରୀ ବିକ୍ରମ ଦାସ , ପ୍ରାକ୍ତନ ଅଧକ୍ଷ ନରସିଂହ ପ୍ରସାଦ ପଟ୍ଟନାୟକ, ସରୋଜ ସୁନ୍ଦର ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ସନ୍ତୋଷ ମହାନ୍ତିଙ୍କ ଦ୍ୱାରା ବିଦ୍ୟାଳୟର ଐତିହ୍ୟକୁ ନେଇ ଏକ ଇଉ ଟିଉବ କର୍ଯ୍ୟକ୍ରମ ପ୍ରସ୍ତୁତି ପଥରେ । ବିଦ୍ୟାଳୟର ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି କବଳିତ କରିଥିବାକୁ ନେଇ ଉପସ୍ଥିତ ସମସ୍ତ ଆଲୁମୁନୀ କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏହା ଉପରେ ଆସନ୍ତା ବୈଠକରେ ଆଲୋଚନା ହେବାପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ଆଲୁମୁନୀ ବିକ୍ରମଦାସ ଙ୍କ ପ୍ରସ୍ତାବାନୁସାରେ ୧୨୫ ତମ ଜୟନ୍ତୀ ଉତ୍ସବକୁ ୩ ଦିନ ଧରି ପାଳନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହିତ ହୋଇଥିଲା । ଉକ୍ତ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଏବଂ ବକ୍ସି ଜଗବନ୍ଧୁ ଙ୍କ ବିଷୟରେ ନାଟକ କରିବା ପାଇଁ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ମତ ଦେବାସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ସ୍ଥାନରୁ ପ୍ରାୟ ୭୦ ରୁ ଉର୍ଦ୍ଧ୍ୱ ଆଲୁମୁନୀ ଯୋଗ ଦେଇଥିଲେ । ଆଜିର ସମସ୍ତ ଆଲୁମୁନୀଙ୍କ ଭୋଜନର ବ୍ୟବସ୍ଥା ୧୯୭୪ ବ୍ୟାଚର ସମସ୍ତ ବନ୍ଧୁ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କ୍ଷିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଟୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମ୍ବୋରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେ଼ଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେ଼ଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ , କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ପାରାଦୀପ ମହାବିଦ୍ୟାଳୟର ଅନ୍ତର୍ନିହିତ ଗୁଣବତ୍ତା ପ୍ରକୋଷ୍ଠ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ

ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟର ଅନ୍ତର୍ନିହିତ ଗୁଣବତ୍ତା ପ୍ରକୋଷ୍ଠ (ଆଇକ୍ୟୁଏସି) ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ନୈତିକ ମୂଲ୍ୟବୋଧ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡଃ ସସ୍ମିତା ଶତପଥି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଅଧୁନା ସମାଜରେ ଛାତ୍ରଛାତ୍ରୀ ମାନେ ଶୃଙ୍ଖଳୀତ ହେବା ଓ ସେମାନଙ୍କର ନୈତିକ ମୂଲ୍ୟବୋଧ ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ବ୍ୟାଙ୍କ ଅଫ ବରୋଦା ପାରାଦୀପ ଶାଖାର ମୁଖ୍ୟ ପରିଚାଳକ କୈଳାସ ଚନ୍ଦ୍ର ପଣ୍ଡା ଓ ୟୁଟିଆଇର ପରିଚାଳକ ତଥା ପାରାଦୀପ ମହାବିଦ୍ୟାଳୟର ଆଇକ୍ୟୁଏସି ପ୍ରକୋଷ୍ଠର ସଦସ୍ୟ ପ୍ରସନ୍ନ କୁମାର ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନୈତିକ ମୂଲ୍ୟବୋଧ ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ । ଏଥିରେ ଆଇକ୍ୟୁଏସିର ଅନ୍ୟତମ ସଦସ୍ୟ ତଥା ଇତିହାସ ବିଭାଗ ମୁଖ୍ୟ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସକ୍ରିୟ ସହଯୋଗ କରିଥିବା ବେଳେ ଆଇକ୍ୟୁଏସିର ସଂଯୋଜକ ତଥା ଇଂରାଜୀ ବିଭାଗର ମୁଖ୍ୟ ଗଣେଶ୍ୱର ପାତ୍ର ସମସ୍ତଙ୍କ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ।




# ଭାରତ ଯୋଡ଼ୋ-ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭାରତ ଯୋଡ଼ୋ- ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି କର୍ମକର୍ତ୍ତା, ପୂର୍ବତନ ଏଆଇସିସି କର୍ମକର୍ତ୍ତା, ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ, ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ସାଂସଦ ପ୍ରାର୍ଥୀ, ବିଧାୟକ ପ୍ରାର୍ଥୀ, ଜିଲ୍ଲା କଂଗ୍ରେସ ସଭାପତି, ଜିଲ୍ଲା ସଂଯୋଜକ, ରାଜ୍ୟ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଜୟରାମ ରମେଶ ଭାରତ ଯୋଡ଼ୋ ଯାତ୍ରା ସଂପର୍କରେ ସୂଚନା ଦେଇଥିଲେ। ଭାରତ ଯୋଡ଼ୋ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ। ବିଜେପି, ଆରଏସଏସ ଏବଂ ମୋଦି ଭାରତକୁ ବିଭାଜିତ କରିବା ଷଡ଼ଯନ୍ତ୍ର କରୁଛନ୍ତି। ଦେଶରେ ଘୃଣା, ହିଂସା, ଆଂଚଳିକ ବାଦ, ଜାତି, ଧର୍ମ, ଖାଦ୍ୟ ଓ ପୋଷାକର ଭେଦ ସୃଷ୍ଟି କରି ନିର୍ବାଚନୀ ଫାଇଦା ପାଇଁ ଭାରତକୁ ଖଣ୍ଡ ଖଣ୍ଡ କରିବାପାଇଁ ଗୈରିକ ଦଳ ଉଦ୍ୟମ କରୁଛି। ଦେଶରେ ଦାରିଦ୍ର୍ୟ, କ୍ଷୁଧା, ଗରିବି ଓ ଦରଦମା ବୃଦ୍ଧିର ପରିସ୍ଥିତି ଅଣାୟତ ହୋଇପଡ଼ିଛି। ଦେଶର ସଂପତିକୁ ମୋଦି ତାଙ୍କର ବନ୍ଧୁ ପୁଂଜିପତି ହାତରେ ଟେକି ଦେଉଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଆଜି ଦୁର୍ବଳ ହୋଇପଡ଼ିଛି। ସରକାରୀ କଳର ଅପବ୍ୟବହାର ହେଉଛି, ସେଥିପାଇଁ ଦେଶ ଭାଙ୍ଗିତୁଟି ଯାଉଥିଲା ବେଳେ ଦେଶବାସୀଙ୍କୁ ସାଥିରେ ଧରି ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ଯାତ୍ରାରେ ଆଗେଇ ଚାଲିଛନ୍ତି। ଏହି ଯାତ୍ରାକୁ ସବୁବର୍ଗର ଲୋକ ସମର୍ଥନ ଦେଉଥିଲା ବେଳେ ବିଜେପି ଆରଏସଏସ୍ ଏବଂ ମୋଦିବାଦୀମାନେ ଅସହିଷ୍ଣୁ ହୋଇପଡ଼ି ରାହୁଲ ଗାନ୍ଧୀଙ୍କ ଉପରେ ବିଭିନ୍ନ ଟିପ୍ପଣି ଦେଉଛନ୍ତି। ଭାରତ ଯୋଡ଼ୋ ପଦଯାତ୍ରାକୁ ଓଡ଼ିଶାରେ ଆଗେଇ ନେବାପାଇଁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କ ଯୋଜନା ସଂପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହି ଯାତ୍ରା ରାଜ୍ୟର ୨୬ଟି ଜିଲ୍ଲାର ୨୨୫୦ କି.ମି. ପଦଯାତ୍ରା ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ। ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁଆରୀ ୩୦ ତାରିଖରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ନବୀନ ସରକାର ଓଡ଼ିଶାର ଜନସାଧାରଣଙ୍କୁ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ବର୍ଷକୁ ୨ଲକ୍ଷ ଚାକିରି, ପ୍ରତ୍ୟେକ ବ୍ଲକରେ ୩୫% ଚାଷଜମିରେ ଜଳସେଚନ ଯୋଗାଇବା, ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦେବା, କୃଷିଭିତିକ ଶିଳ୍ପ ସହିତ ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ବହୁ କିଛି କରିବାର ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ୨୨ ବର୍ଷ ଭିତରେ ଆଜି ସ୍କୁଲର ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଲକ୍ଷ ଲକ୍ଷ ଯୁବକ ବେକାର, ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଠିକା କର୍ମଚାରୀ ରୂପେ ନିଯୁକ୍ତି ଦିଆଯାଉଛି। କୃଷକ ଆତ୍ମହତ୍ୟା ଓ ସଂଗଠିତ ଅପରାଧରେ ସାଇବର ଠକାଇ ଆଦିରେ ରାଜ୍ୟ ଚରମ ସୀମାରେ ପଂହଚିଲାଣି। ଠିକ୍ ସେହିଭଳି ଭାବରେ ୮ ବର୍ଷ ଭିତରେ ମୋଦି ସରକାର ଭାରତବାସୀଙ୍କୁ ଯେତେସବୁ ପ୍ରତିଶ୍ରୁତି ଦେଇଥିଲେ ଗୋଟିଏ ବି ପ୍ରତିଶ୍ରୁତିକୁ ପାଳନ କରିବାରେ ସମର୍ଥ ହୋଇନାହାନ୍ତି। ୨ କୋଟି ଚାକିରି, ୧୫ଲକ୍ଷ ଟଙ୍କା ବ୍ୟାଙ୍କ ଡିପୋଜିଟ, କଳାଧନ ଫେରାଇ ଆଣିବା କଥା ଏକ ଭେଳିକିରେ ପରିଣତ ହୋଇଛି। ଦରଦାମ ବୃଦ୍ଧିରେ ଆଜି ସାରାଦେଶ ହନ୍ତସନ୍ତ। ଏହି ପଦଯାତ୍ରାର ସୁପରିଚାଳନା ପାଇଁ ଜିଲ୍ଲା ସଂଯୋଜକ, ବ୍ଲକ ସଂଯୋଜକ ଏବଂ ପଂଚାୟତ ସଂଯୋଜକ, ବୁଥ ସଂଯୋଜକ, ବିଭାଗ, ପ୍ରକୋଷ୍ଠ ଓ ଛାମୁଆ ସଂଗଠନମାନଙ୍କର ସଂଯୋଜକ ନିଯୁକ୍ତ ହୋଇଛନ୍ତି। ପଦଯାତ୍ରା ସମୟରେ ପଂଚାୟତ ସ୍ତରରୁ ସାଧାରଣ ଜନତା ଆସି କିପରି ଏହି ଯାତ୍ରାରେ ଯୋଡ଼ିହେବେ ତାର ଯୋଜନା ପ୍ରସ୍ତୁତ ହୋଇଛି। ପଦଯାତ୍ରା ସମୟରେ ବ୍ୟାପକ ପରିମାଣରେ ପ୍ରଚାରପତ୍ର ଜନସଚେତନା ପାଇଁ ବଂଟନ କରାଯିବ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ପଦଯାତ୍ରା ସମୟରେ ସେ ଅଂଚଳର ସବୁବର୍ଗର ଲୋକଙ୍କ ସହିତ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ଓଡ଼ିଶା ପ୍ରଭାରୀ ଉପସ୍ଥିତ ରହି ବିଭିନ୍ନ ପଦାଧିକାରୀମାନଙ୍କର ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଆରଓ ନିରୋଜ ଡାଙ୍ଗି, ଏଆଇସିସି ସଂପାଦକ ରୁଦ୍ର ରାଜୁ, ଶ୍ରୀ ନିରଂଜନ ପଟ୍ଟନାୟକ, ଶ୍ରୀ ଜୟଦେବ ଜେନା, ଶ୍ରୀ ପ୍ରସାଦ ହରିଚନ୍ଦନ, ସୁଶ୍ରୀ ସୁଶିଳା ତିରିଆ, ଡା. ରାମଚନ୍ଦ୍ର ଖୁଂଟିଆ, ଶ୍ରୀ ଶରତ ରାଉତ, ଶ୍ରୀ ସୁରେଶ କୁମାର ରାଉତରାୟ, ଶ୍ରୀ ତାରାପ୍ରସାଦ ବାହିନୀପତି, ଶ୍ରୀ ସନ୍ତୋଷ ସିଂ ସାଲୁଜା, ଶ୍ରୀ ରମେଶ ଜେନା, ଶ୍ରୀ ରାଜନ ଏକା, ଶ୍ରୀ ଭୁଜବଳ ମାଝୀ, ଶ୍ରୀ ସୁରେଶ କୁମାର ମହାପାତ୍ର, ଶ୍ରୀ ଗଣେଶ୍ୱର ବେହେରା, ଶ୍ରୀ ରବିନ୍ଦ୍ର କୁମାର ସେଠୀ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, ମନୋରଂଜନ ଦାଶ, ମାନସ ଚୌଧୁରୀ, ଲଲାଟେନ୍ଦୁ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ସୁରେନ୍ଦ୍ର ସିଂ ଭୋଇ, ନବଜ୍ୟୋତି ପଟ୍ଟନାୟକ, ଅଭିଷେକ ମହାନନ୍ଦ, ଉମାବଲ୍ଲଭ ରଥ, ବନ୍ଦିତା ପରିଡ଼ା, ୟାସିର ନୱାଜ, ସ୍ମୃତିରଂଜନ ଲେଙ୍କା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମନୋଜ ରାଉତ, ସୁବ୍ରତ ମହାପାତ୍ର, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସମ୍ମିଳନୀ
# ମାଲକାନଗିରି ଶାଖା ପକ୍ଷରୁ ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଗ୍ରାମପଂଚାୟତ ଅଧିନସ୍ଥ ଗଙ୍ଗଲାଗୁଡ଼ା ଗ୍ରାମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ଆଜି ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖାର ସଭାପତି ତଥା ସ୍ଥାନୀୟ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ, ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ତଥା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମାଲକାନଗିରିର ସଭାପତି ରବୀନ୍ଦ୍ର କୁମାର ମହାରଣା, ବନପାଳ ସାରୁ କବାସୀ, ପ୍ରଧାନଶିକ୍ଷୟିତ୍ରୀ ଅମିତା ଦେଇ, ସହକାରୀ ଶିକ୍ଷୟିତ୍ରୀ ରମଳା ମାଡ଼କାମି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା,ବନବିଭାଗ ମାଲକାନଗିରି ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗଙ୍ଗଲାଗୁଡ଼ାର ଜାତୀୟ ସବୁଜ ବାହିନୀ ଆନୁକୁଲ୍ୟରେ ବିଦ୍ୟାଳୟ ପରିସର ମଧ୍ୟରେ ତିରିଶିରୁ ଉର୍ଦ୍ଧ୍ୱ ଅଳା,ବଉଳ, କରଞ୍ଜ, ନିମ, ଆତ, ସଜନା, ଚମ୍ପା, ପେସ୍ତା ପ୍ରଭୃତି ବୃକ୍ଷରୋପଣ କରାଯାଇଥିଲା। ପରେ ବିଦ୍ୟାଳୟରେ ଉପସ୍ଥିତ ଥିବା ୪୬ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଚନ୍ଦ୍ର ମାଡି, ସୁବାସ ପଡ଼ିଆମି, ଦଶରଥ ମାଢି, ଗ୍ରାମବାସୀ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ପରେ ଉତ୍କଳ ସମ୍ମିଳନୀର ସଭାପତି ତଥା ଜିଲ୍ଲା ଯୁବ ରେଡକ୍ରସର ଆବାହକ ଡଃ. ସ୍ୱାଇଁ ସମସ୍ତଙ୍କୁ ବୃକ୍ଷରୋପଣର ଆବଶ୍ୟକତା, ସ୍ୱାସ୍ଥ୍ୟ ପରିମଳ, ପରିଷ୍କାର ପରିଚ୍ଛନ୍ନତା, ରୋଗ ନିରାକରଣ ନିମନ୍ତେ ଗାଁ ଗହଳରେ ବିନାମୂଲ୍ୟରେ ବାଡ଼ିବଗିଚାରେ ମିଳୁଥିବା ପନିପରିବାର ସଦୁପଯୋଗ କରିବା ପାଇଁ ସଚେତନ କରାଇଥିଲେ। ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସରସ୍ୱତୀ ଶିଶୁ ମନ୍ଦିର ସଭାପତି ରବୀନ୍ଦ୍ର କୁମାର ମହାରଣା ବିଶ୍ୱତାପନ ଓ ପରିବେଶର ସୁରକ୍ଷା ବର୍ତ୍ତମାନ ଯୁଗରେ ଶିକ୍ଷାର ଆବଶ୍ୟକତା, ଶିକ୍ଷାଗ୍ରହଣ ପାଇଁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପରିଶେଷରେ ପ୍ରଧାନଶିକ୍ଷୟିତ୍ରୀ ଅମିତାଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟେକ ମାସରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ଜିଲ୍ଲାରେ ଅବହେଳିତ ଓ ଅନଗ୍ରସର ଆଦିବାସୀ ଅଧ୍ୟୁଷିତ ଗୋଟିଏ ଗ୍ରାମରେ '' ଗାଁ ପାଇଁ ଦିନଟିଏ'' କାର୍ଯ୍ୟକ୍ରମ ଜୁନ ମାସ ଠାରୁ ଆରମ୍ଭ କରାଯାଇଛି ।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ପଂଚାୟତ ଟିକରସାହିରେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକର ମୃତ୍ୟୁ ଘଟିଛି । ମୃତକ ଶ୍ରମିକ ଜଣକ ସ୍ଥାନୀୟ ଟିକରସାହିର ବିର ସାମଲଙ୍କ ପୁଅ ରଂଜନ ସାମଲ (୪୦) । ସେ ଗତକାଲି ମଧ୍ୟାହ୍ନରେ ସ୍ନାନ ପରେ ଘରେ ବିଦ୍ୟୁତ ବଲ ଜଳାଇବା ପାଇଁ ସୁଇଚ ମାରିବା ବେଳେ ତାଙ୍କୁ କରେଂଟ ମାରିଥିଲା । ଫଳରେ ସେ ଗୁରୁତର ଅସୁସ୍ଥ ହୋଇ ଚଟାଣରେ ପଡିଯାଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡିକାଲରେ ଭର୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ବଡଚଣା ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି ।

# ଆରୁହା କଳାପଥର ଖାଦାନରେ ଅର୍ଥନୈତିକ ଅପରାଧ ଶାଖାର ତଦନ୍ତ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ହୋଇଥିବା କୋଟି କୋଟି କୋଟି ଟଙ୍କାର ଦୁର୍ନିତିର ତଦନ୍ତ ପାଇଁ ଗତକାଲି ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତଦନ୍ତ କରାଯାଇଛି । ସୂଚନାଯୋଗ୍ୟ ଯେ ଆରୁହା କଳାପଥର ଖାଦାନର ୩ ଏକର ଅଂଚଳକୁ ଆରୁହା ଅଂଚଳର ତ୍ରିନାଥ ଜେନା ୧୪/୧୨/୨୦୧୭ ମସିହାରେ ୫ ବର୍ଷ ପାଇଁ ଲିଜ ନେଇଥିଲେ । ମାତ୍ର ଲିଜଧାରୀ ଶ୍ରୀ ଜେନା ତିନି ଏକରରୁ ଉର୍ଦ୍ଧ ଅଂଚଳରୁ ବ୍ୟାପକ ଖନନ କରି କଳାପଥର ଲୁଟ କରିନେଇଥିବା ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧର କରି ଲୋକାୟୁକ୍ତ ୩୫୫/୨୦ରେ ଏକ କେଶ ରୁଜୁ କରିଥିଲେ । ଏହି ମାମଲାରେ ଏକ ମିଳିତ ତଦନ୍ତ କରିବାକୁ ଲୋକାୟୁକ୍ତ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ ରାଜସ୍ୱ ଅକ୍ଷୟ କୁମାର ମଲିକଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଏକ ଟିମ ଆସି ସରଜମିନ ତଦନ୍ତ କରିଥିଲେ । ତଦନ୍ତରୁ ଲିଜ ଅଂଚଳ ବାହାରୁ ବ୍ୟାପକ କଳାପଥର ଲୁଟ ହୋଇଥିବା ଜଣାପଡିଥିଲା। ଏହି ବାବଦକୁ ଲିଜଧାରୀ ଉପରେ ପାଖାପାଖି ୨୫ କୋଟି ଟଙ୍କାର ଜୋରିମାନା କରିଥିଲେ । ଏଥିରେ ଲିଜଧାରୀ ସମେତ ତତ୍କାଳିନ ଆରଆଇ, ତହସିଲଦାର ଓ ପୁଲିସ ସହଯୋଗରେ ଏହି ଲୁଟ ହୋଇଥିବା ନେଇ ଜଣାପଡିବା ପରେ ଏହାର ତଦନ୍ତ ପାଇଁ ଲୋକାୟୁକ୍ତ ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ମୁତାବକ ଗତକାଲି ଇଓଡବ୍ଲୁଡି ଏସପି ଆଶିଷ କୁମାର ମିଶ୍ରଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ପରିବେଶ ବିଭାଗ, ଖଣିଜ ବିଭାଗ, ଜିଓଲୋଜି ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଅଧୁନିକ ଜ୍ଞାନକୌଶଳ ମାଧ୍ୟମରେ ମାପଚୁପ କରିଥିଲେ । ଏହି ତଦନ୍ତ ସମୟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଆରୁହା ଆରଆଇ ମନୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି



ଖୋର୍ଦ୍ଧା (ପିଏନ୍): 'ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ନବ ଉନ୍ମେଷ-୧୮୧୭ ପାଇକ ବିଦ୍ରୋହ' ଶୀର୍ଷକ ଆଲୋଚନାଚକ୍ର କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଆଲୋଚନାଚକ୍ରର ଉଦ୍ଦେଶ୍ୟ ସତକୁ ଲୋକଲୋଚନକୁ ଆଣିବା, ବିଭ୍ରାନ୍ତିକୁ ରୋକିବା ବୋଲି ସୂଚନା ଦେଇଥିଲେ। ବକ୍ସି ଜଗବନ୍ଧୁ ସ୍ମାରକ ମଂଚର ସମ୍ପାଦକ ସମରେନ୍ଦ୍ର ବଳିଆରସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି କହିଥିଲେ ଯେ, ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନିଜ ଗ୍ରାମ ରୋଡଙ୍ଗରୁ ବିଦ୍ରୋହର ସୂତ୍ରପାତ ହୋଇ ବିଭିନ୍ନ ଅଂଚଳକୁ ବ୍ୟାପିଥିଲା। ୧୮୧୭ ପାଇକ ବିଦ୍ରୋହକୁ ନେଇ ଇତିହାସ ଅତ୍ୟନ୍ତ ସ୍ୱଷ୍ଟ ଥିଲେ ମଧ୍ୟ ଏ ନେଇ ସୃଷ୍ଟିକରାଯାଉଥିବା ବିଭିନ୍ନ କପୋଳକଳ୍ପିତ ଘଟଣାଗୁଡ଼ିକ ଆମ ଓଡ଼ିଆ ଏକତାର ପରିପନ୍ଥୀ। ଏ ନେଇ ଐତିହାସିକ, ବୁଦ୍ଧିଜୀବୀ, ପାଇକ ସମୁଦାୟ ଏକତ୍ର ହେବାକୁ ସେ ଆହ୍ୱାନ ଦେଇଥିଲେ। ନିରାକାରପୁର କ୍ଷେତ୍ରବାସୀ କେ.ବି.ଡି.ଏ.ଭି. କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ପ୍ରତିଭାମୟୀ ମିତ୍ର ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ଓଡ଼ିଆ ପାଇକ କୌଣସି ଗୁଣରେ ଇଂରେଜ ସୈନ୍ୟଙ୍କ ଠାରୁ କମ୍ ନ ଥିଲେ। ପାଇକଙ୍କ ସମେତ ରୟତ, ଜମିଦାର, ରାଜା ସମସ୍ତେ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଥିଲେ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଂଟର ପ୍ରଫେସର ଡ. ରବିନାରାୟଣ ସୁବୁଦ୍ଧି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଏକଦା ଗଂଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ଆମର ଭୂଖଣ୍ଡ ପରିବ୍ୟାପ୍ତ ଥିଲା। ତେବେ ଏତେବଡ଼ ସାମ୍ରାଜ୍ୟ ଭୁଷୁଡ଼ିପଡ଼ିବା ପଛର କାରଣ ଥିଲା ଆକ୍ରମଣକାରୀମାନେ ସୁସଂଗଠିତ ଥିଲେ। ଏଥିସହ ଗୃହଶତ୍ରୁମାନେ ସେମାନଙ୍କୁ ସହଯୋଗ କଲେ, ଯାହାଫଳରେ ଧୀରେ ଧୀରେ ଆମେ ପରାଧୀନତା ଆଡ଼କୁ ଠେଲିହେଇଗଲୁ। ତେବେ ୧୮୧୭ ପାଇକ ବିଦ୍ରୋହ ଏଭଳି ଏକ ନିଆଁ ଥିଲା, ଯାହା ଏ ଦେଶର ସ୍ୱାଧୀନତା ପାଇଁ ବଳ ଯୋଗାଇଥିଲା। ଉତ୍ସବର ଅନ୍ୟତମ ଆଲୋଚକ ବାଇକଂଟିଆର କାର୍ଯ୍ୟକାରୀ ସମ୍ପାଦକ ତଥା ଗବେଷକ ମଦନମୋହନ ମହାପାତ୍ର ମତ ଦେଇଥିଲେ ଯେ, ଇଂରେଜମାନେ ଆମ ଅର୍ଥନୀତିକୁ ତଳିତଳାନ୍ତ କରିଦେଇଥିଲେ। ତେବେ ବକ୍ସି ଜଗବନ୍ଧୁଙ୍କ ଗରିଲା ଲଢେଇ ତଥା କୂଟନୀତି ଇଂରେଜମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା। ପାଇକବାହିନୀ ପକ୍ଷରୁ ଏଭଳି ରଣକୌଶଳରେ ସେମାନେ ଅପ୍ରସ୍ତୁତ ହୋଇପଡ଼ିଥିଲେ। ଉତ୍କଳ ବିକାଶ ପରିଷଦର ସଚିବ ଇଂ ଋଷି ଗୁମାନସିଂହ ଆଲୋଚନାରେ ଭାଗ ନେଇ କହିଥିଲେ ଯେ, ୧୮୧୮ରେ ଖୋର୍ଦ୍ଧା, କଟକ, ବାଲେଶ୍ୱରରେ ପାଇକମାନଙ୍କୁ ନେଇ ଓଡ଼ିଶା କଂପାନୀ ପାଇକ ରେଜିମେଂଟ୍ ଥିଲା। ତେଣୁ ସାଂପ୍ରତିକ ସମୟରେ ପାଇକ ରେଜିମେଂଟର ବିଶେଷ ଆବଶ୍ୟକତା ରହିଛି। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅଶୋକ କୁମାର ରାୟସିଂହ କହିଥିଲେ ଯେ, ସାମ୍ରାଜ୍ୟବାଦ ବିରୋଧରେ ପାଇକ ବିଦ୍ରୋହ ଏକ ବଡ଼ ବିଦ୍ରୋହ ଭାବେ ଉଭା ହୋଇଥିଲା। ଏହି ଆଲୋଚନାଚକ୍ରରେ ସମୀକ୍ଷକ ଭାବେ କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ ଶିଶିର କୁମାର ନାୟକ ଯୋଗଦେଇ କହିଥିଲେ ଯେ, ପାଇକ ଏକ ଜାତି ନୁହେଁ, ଏକ ସାମରିକ ସଂସ୍କୃତି। ଏହି ସଂସ୍କୃତି ପାଇଁ ସାରା ଦେଶ ଗର୍ବିତ। କେନ୍ଦ୍ର ସରକାର ପାଇକ ବିଦ୍ରୋହର ଦୁଇ ଶତ ବର୍ଷ ପୂର୍ତି ଉତ୍ସବ ପାଳନ କରିବା ସହ ଅଷ୍ଟମ ଶ୍ରେଣୀର ଏନସିଆରଟି ବହିରେ ଏହାକୁ ସ୍ଥାନ ଦେଇଛନ୍ତି। ତେଣୁ ବରୁଣେଇରେ ପାଇକ ସ୍ମାରକୀ ପ୍ରତିଷ୍ଠା ପାଇଁ ଯେଉଁ ଉଦ୍ୟମ ଚାଲିଚି, ତାହା ଯେ କୌଣସି ପରିସ୍ଥିତିରେ ସଫଳ ହେବ। ଏଥିରେ କେହି ପ୍ରତିବନ୍ଧକ ସାଜିଲେ ଇତିହାସ କ୍ଷମା ଦେବନାହିଁ। ଅନ୍ୟମାନଙ୍କ ମଧ୍ୟରେ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସଏଦ୍ ଅବଦୁଲ କଲାମ ଆଜାଦ୍, ପ୍ରଭାକର ପାଲଟାସିଂହ, ଶ୍ରୀରଂଜନ ମଙ୍ଗରାଜ, ପ୍ରଦୀପ ବିଶ୍ୱାଳ, ପ୍ରଫୁଲ୍ଲ ସାମନ୍ତରାୟ, ବୈଦ୍ୟନାଥ ବରାଳ, ରଶ୍ମୀତା ନାୟକ, ନିରଂଜନ ସାମନ୍ତସିଂହାର, ଡ. ଦେବେନ୍ଦ୍ରନାଥ ମାନସିଂହ, ବିଭୁଦେନ୍ଦ୍ର କେଶରୀ ଭୋଳ, ଶକ୍ତିଧର ମହାପାତ୍ର, ଗତିକୃଷ୍ଣ ଉତରକବାଟ, ଗୋବିନ୍ଦ ଚନ୍ଦ୍ର ମହାରଣା, ନିରଂଜନ ପଶ୍ଚିମକବାଟ, ବିକ୍ରମ ଚମ୍ପତି, ରମେଶ ଚନ୍ଦ୍ର ପାତାଳସିଂହ, ମଦନମୋହନ ମହାପାତ୍ର, ସଂଗ୍ରାମ ଜଗଦେବ, ଚୈତନ୍ୟ ଜେନା ପ୍ରମୁଖ ବହୁବ୍ୟକ୍ତି ସଂକ୍ଷେପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା, ଡେଲାଙ୍ଗ, ବାଣପୁର, ବେଗୁନିଆ, ଜଟଣୀ, ଭୁବନେଶ୍ୱର ଆଦି ବିଭିନ୍ନ ଅଂଚଳରୁ ଆସିଥିବା ପାଇକଗୁରୁ, ପାଇକ ବଂଶଧରମାନେ ଏଥିରେ ଯୋଗଦେଇଥିଲେ। ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ଛୋଟରାୟଙ୍କ ନେତୃତ୍ୱରେ କଳିଙ୍ଗ ପାଇକ ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଂଜିକୃତ କୁକୁଡା ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ

ଧର୍ମଶାଳା (ପିଏନ୍): ଧର୍ମଶାଳା ପଶୁ ଚିକିସ୍ଚାଳୟ ପକ୍ଷରୁ ଚଳିତ ବର୍ଷ କୁକୁଡା ଚାଷ ପାଇଁ ୪୦ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଗତ ଶନିବାର ଦିନ ସେମାନଙ୍କ ମଧ୍ୟରୁ ୨୩ଜଣ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଧର୍ମଶାଳା ପଶୁ ଚିକିସ୍ଚାଳୟ ପରିସରରେ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ପଶୁ ଚିକିସ୍ଚାଧିକାରୀ ଡା. ରଂଜନ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଂଜିକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । କୁକୁଡା ଚାଷ ମାଧ୍ୟମରେ ବେକାର ଯୁବକ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ ପ୍ଲାନ ସ୍କିମରେ ୪୦ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ଦଫାରେ ଚିହ୍ନଟ ୨୩ ଜଣ ଚାଷୀଙ୍କୁ ତାଲିମ ଦିଆଯାଇ ୫ଶହ କୁକୁଡା ଚାଷ ପାଇଁ ଜଣକା ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ଆକାରରେ ପ୍ରଦାନ କରାଯିବ । ଏହି ଋଣ ପରିମାଣରେ ଚାଷୀମାନଙ୍କ ପାଇଁ ୪୦ ଭାଗ ବା ୭୨ ହଜାର ଟଙ୍କା ସବସିଡି ରହିଛି । ପ୍ରମାଣ ପତ୍ର ନେଇଥିବା ଚାଷୀମାନେ ହେଲେ କୋତପୁରର ହରିହର ସାମଲ, ବିଷ୍ଣୁ ଚରଣ ସାମଲ, ଅରାବଳର ଉତ୍କଳ କେଶରୀ ସାମଲ, ଇମାମନଗରର ଅନ୍ତର୍ଯ୍ୟାମି ପାଳ, ବୃନ୍ଦାଦେଇପୁରର ପ୍ରମୋଦ କୁମାର ବସ୍ତିଆ ଓ ସମ୍ପାରୁ ଗ୍ରାମର ଲଲାଟେନ୍ଦୁ ଖୁଂଟିଆ ପ୍ରମୁଖ ଚାଷୀ ରହିଛନ୍ତି । କୁକୁଡା ଚାଷୀ ଚିହ୍ନଟ ପ୍ରକ୍ରିୟାରେ ଅତିରିକ୍ତ ପଶୁ ଡାକ୍ତର ସୁବାସ ଚନ୍ଦ୍ର ଜେନା, ଡା. ଦୀପ୍ତିମୟୀ ସାହୁ ପ୍ରମୁଖ ସହାୟତା କରିଥିଲେ । ଧର୍ମଶାଳା ବିଧାୟକ ଶ୍ରୀ ବଳବନ୍ତରାୟ ଆଶାବ୍ୟକ୍ତ କରିଛନ୍ତି ଯେ କୁକୁଡା ଚାଷୀମାନେ ଋଣକୁ ଠିକ ଭାବେ ବ୍ୟବହାର କଲେ ସେମାନେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ସଠିକ ବିନି ଯୋଗ କରିବେ ବୋଲି ପରାମର୍ଶ ଦେଇଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ପାର୍ବଣ ଯାତ୍ରା ନିମନ୍ତେ ବିରଜା ସେବାସମିତିର ସ୍ୱତନ୍ତ୍ର ବୈଠକ

ଯାଜପୁର (ପିଏନ୍): ମା' ବିରଜାଙ୍କ ଆସନ୍ତା ପାର୍ବଣ ଯାତ୍ରା ନିମନ୍ତେ ଗତକାଲି ଏକ ସ୍ୱତନ୍ତ୍ର ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପାଣ୍ଡବ ସାହୁ ଅସୁସ୍ଥ ହୋଇ କଳିଙ୍ଗ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବାରୁ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଭାପତି ଶ୍ରୀ ମିଶ୍ର ମା'ଙ୍କର ମହାସପ୍ତମୀ, ମହାଷ୍ଟମୀ, ମହାନବମୀର ସେବା ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ସାମାନ୍ୟ ସୂଚନା ଦେବାପରେ ଉପସଭାପତି ଶ୍ରୀ ଦ୍ୱିବେଦୀ ଏହାଉପରେ ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା କରିଥିଲେ। ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ବ୍ରହ୍ମାକୁଣ୍ଡ ନିକଟରେ ମଞ୍ଚ ପ୍ରସ୍ତୁତ କରି ମା'ଙ୍କ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିବା ଓ ଏହାସହ ଭଜନ ପରିବେଷଣ ମଧ କରାଯିବାକୁ ସ୍ଥିର ହେଲା। ବକ୍ତାମାନଙ୍କୁ ନିମନ୍ତ୍ରଣ କରିବା ଦାୟିତ୍ୱ ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଙ୍କୁ ଦିଆଗଲା। ମଂଚରେ ଭଜନ ପରିବେଷଣ ପାଇଁ ଉମାକାନ୍ତ ପାଢ଼ୀ ଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଅନୁରୋଧ କରାଗଲା। ଟେଣ୍ଟ ହାଉସ୍ ମାଲିକ ଅଶୋକ କୁମାର ପାଣିଙ୍କୁ ମଞ୍ଚ ସଜା ଓ ମାଇକ୍ ସେଟ୍ ଦେବାକୁ କୁହାଗଲା। ମଞ୍ଚସଜା ପାଣ୍ଡବ ସାହୁ ଓ ଭରତ ଚନ୍ଦ୍ର ସାହୁଙ୍କ ଉପରେ ନ୍ୟସ୍ତ କରାଗଲା। ମହାଷ୍ଟମୀରେ ମା'ଙ୍କର କାନିକା ପ୍ରସାଦ ପ୍ରସ୍ତୁତ ଦାୟିତ୍ୱ ବିଜୟ କୁମାର ପଣ୍ଡା ଓ ହିମାଂଶୁଭୂଷଣ ନନ୍ଦ ନେଲେ। ପ୍ରସାଦ ବଣ୍ଟନ ସମୟରେ ଭରତ ଚନ୍ଦ୍ର ସାହୁ, ବୃନ୍ଦାବନ ମିଶ୍ର ଓ ମଧୁସୂଦନ ମହାନ୍ତିଙ୍କୁ ଦାୟିତ୍ୱ ଦିଆଗଲା। ମଂଚରେ କାଗଜପତ୍ର କାର୍ଯ୍ୟ କରିବାକୁ କ୍ଷୀରୋଦ ଚନ୍ଦ୍ର ପାଠୀଙ୍କୁ ଦାୟିତ୍ୱ ଦିଆଗଲା। ଆସନ୍ତା ସେପ୍ଟେମ୍ବର ୨୬ ତାରିଖ ସୋମବାର ଦିନ ୪.୩୦ ସମୟେରେ ସେବା ସମିତିର ଚୂଡାନ୍ତ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମିତିର ସମସ୍ତ ସଭ୍ୟ ବହୁସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରାଗଲା। ଏହି ସମସ୍ତ କାର୍ଯ୍ୟ ତଦାରଖ କରିବା ନିମନ୍ତେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ମହାନ୍ତି ଓ ଗଦାଧର ରାଉତଙ୍କୁ ଅନୁରୋଧ କରାଗଲା। ସମ୍ପାଦକ ପାଣ୍ଡବ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରି ମା'ଙ୍କୁ ଜଣାଗଲା। ଶେଷରେ ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।




# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଂଟନ



ମାଲକାନଗିରି ,(ପି.ଏନ): ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ କରାଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସମାରୀ ତାଙ୍ଗୁଲ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ତ୍ରିନାଥ ମାଝୀ, ମାଲକାନଗିରି ପୌର ପରିଷଦ ଅଧକ୍ଷ ମନୋଜ ବାରିକ, ପୌର ପରିଷଦ ଉପାଧକ୍ଷା ଶ୍ରୀମତୀ କବିତା ମହନ୍ତ, ପ୍ରଭଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଇକା, ଜିଲ୍ଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହି ଓ ସହକାରୀ ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର ଯୋଗଦେଇ ଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ତାଙ୍ଗୁଲ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଥିବା ସମସ୍ତ ସହାୟତା ବିଷୟରେ ଅବଗତ ହୋଇ ନିଜ ଅଞ୍ଚଳର ଲୋକଙ୍କୁ ସଚେତନ କରାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ କହିଥିଲେ ଯେ ନିର୍ମାଣ ଶ୍ରମିକ ମାନେ ହେଉଛନ୍ତି ଗାଁ, ରାଜ୍ୟ ତଥା ଦେଶର ଭବିଷ୍ୟତ। ସେ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ନିମନ୍ତେ ଥିବା ସହାୟତାରେ ପଞ୍ଜିକରଣ କରିବାକୁ ସଚେତନ କରିଥିଲେ। ପ୍ରତ୍ୟେକ ବର୍ଷ ପଞ୍ଜିକରଣ କାର୍ଡର ନବୀକରଣ କରିବା ସହ ସମସ୍ତ ଯୋଜନାର ଲାଭ ଉଠାଇବା ପାଇଁ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଅଦ୍ୟାବଧି ୫୫, ୯୪୦ ଜଣ ଶ୍ରମିକ ପଞ୍ଜିକରଣ କରିଛନ୍ତି। ତନ୍ମଧ୍ୟରୁ ୩୨,୩୮୨ ଜଣ ସହାୟତା ପାଇଛନ୍ତି। ମାଲକାନଗିରି ବ୍ଲକରେ ୮,୨୩୫ ଜଣ ଶ୍ରମିକ ପଞ୍ଜିକରଣ କରିଛନ୍ତି ଏବଂ ପୌର ପରିଷଦରେ ୩୬୪୧ ଜଣ ଶ୍ରମିକ ଭାଇଭଉଣୀ ପଞ୍ଜିକରଣ କରିଛନ୍ତି । ଆଜିର ଶିବିରରେ ସଙ୍ଗଠିତ କ୍ଷେତ୍ରରେ ୧୦୩ ଜଣଙ୍କୁ ଏବଂ ଅଣ ସଂଗଠିତ କ୍ଷେତ୍ରରେ ୧୫୭ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେହିପରି ୪୮ ଜଣଙ୍କୁ ଶିକ୍ଷା, ୨୩ ଜଣଙ୍କୁ ମୃତ୍ୟୁ କାଳୀନ, ୨୩ ଜଣଙ୍କୁ ଅନ୍ତେଷ୍ଟି କ୍ରିୟା, ୧୧ ଜଣଙ୍କୁ ପ୍ରସୂତି କାଳିନ ଓ ୧୩ ଜଣଙ୍କୁ ବିବାହ ଜନିତ ସମୁଦାୟ ୧୧୮ ଜଣଙ୍କୁ ୫୭ ଲକ୍ଷ ୨୪ ହଜାର ୨୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଣ ସଂଗଠିତ କ୍ଷେତ୍ରରେ ଦୁଇ ଜଣଙ୍କୁ ଦୁଇ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ ଓ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ ବିଭାଗର ଚଢାଉ ସମୟରେ ଖସିଯାଇଥିବା ୨ ଟ୍ରାକ୍ଟର ଜବତ, ୨ ଗିରଫ

ଧର୍ମଶାଳା, (ପିଏନ୍): ଗଡମଧୁପୁର ବନବିଭଗ ପକ୍ଷରୁ ଗତ ୨୩ ତାରିଖରେ ବାଘୁଆ ସ୍ଥିତ ବେଆଇନ କଳାପଥର ଖାଦାନରୁ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୨ଟି କମ୍ପ୍ରେସର ମେସିନକୁ ଜବତ କରିଥିଲା ବେଳେ ସେଠାରୁ ଖସିଯାଇଥିବା ୨ଟି ଟ୍ରକ୍ଟରକୁ ପୁଲିସ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ବାଘୁଆ ୨ ନମ୍ବର ଅଣଲିଜ ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ ହେଉଥିବା ଖବର ପାଇ ଗଡମଧୁପୁର ଫରେଷ୍ଟର ସେଠରେ ଚଢାଉ କରି ୨ ଗୋଟି କମ୍ପ୍ରେସର ମେସିନକୁ ଜବତ କରିଥିଲେ।

# ପାରାଦୀପ ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳିତ

ପାରାଦୀପ,(ପି.ଏନ): ପ୍ରତି ବର୍ଷ ଅଗଷ୍ଟ ୨୯ ତାରିଖରେ ଦେଶର କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର କ୍ରୀଡା ପରିଷଦ ପକ୍ଷରୁ ସ୍ଥାନୀୟ ଗୋବନ୍ଧୁ ଷ୍ଟାଡିଅମ ଠାରେ ମଙ୍ଗଳବାର ସକାଳେ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଏବଂ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧୀ, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରନ ରଶ୍ମି ବେଉରା, ଯୁଗ୍ମ ସମ୍ପାଦୀକା ଇତିଶ୍ରୀ ମହାନ୍ତି, ବରିଷ୍ଠ ଭଲିବଲ ପ୍ରଶିକ୍ଷକ ସୟ ଦାସଙ୍କ ସମେତ ଗୋପବନ୍ଧୁ କ୍ରୀଡା ସଂସଦର ସମସ୍ତ ବୈଷୟିକ ସଭ୍ୟ ଓ ଖେଳାଳୀ ପ୍ରମୁଖ ଉପସ୍ଥିତ ରହି ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ତାଳବଣିଆସ୍ଥିତ ସ୍ପୋର୍ଟ କମ୍ପ୍ଲେକ୍ସରେ ଜାତୀୟ କ୍ରୀଡା ଦିବସ ପାଳିତ



ପୁରୀ, (ପି.ଏନ):କିମ୍ବଦନ୍ତୀ କ୍ରୀଡାବିତ୍ ଧ୍ୟାନଚାନ୍ଦଙ୍କ କ୍ରୀଡା ପ୍ରତିଭା ଅତୁଳନୀୟ। ସମଗ୍ର ବିଶ୍ୱ ତାଙ୍କ ଚମତ୍କାର କ୍ରୀଡା ନୈପୁଣ୍ୟରେ ଅଭିଭୂତ ହୋଇଥିଲା। ତେଣୁ ଯେତେ ବେଳ ପର୍ଯ୍ୟନ୍ତ କ୍ରୀଡା ଚାଲିଥିବ,ସେତେ ଦିନ ପର୍ଯ୍ୟନ୍ତ ଧ୍ୟାନଚାନ୍ଦ ଅମର ରହିବେ ବୋଲି ଉପସ୍ଥିତ ବକ୍ତାମାନେ ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ। ଜାତୀୟ କ୍ରୀଡା ଦିବସ ମଙ୍ଗଳବାର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଳବଣିଆସ୍ଥିତ ସ୍ପୋର୍ଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦିବସ ପାଳନ ଅବସରରେ ପ୍ରଥମେ ଧ୍ୟାନଚାନ୍ଦଙ୍କ ତୈଳଚିତ୍ର ଉପରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ,ଅନ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ,ରାଜ୍ୟ କୁସ୍ତି ସଂଘର ପରାମର୍ଶଦାତା ରାମଚନ୍ଦ୍ର ଦାସ ମହାପାତ୍ର, ବାଲ୍ୟ ବିବାହ ନିରୋଧ ଜିଲ୍ଲା ସଂଯୋଜିକା ରଞ୍ଜିତା ଦାସ,ଜିଲ୍ଲା ଶିଶୁ ସୁରକ୍ଷା ପରାମର୍ଶଦାତା ରୋଜାଲିନ ପାତ୍ର,ନିତା ଫୁଟବଲ ଏକାଡେମୀର ସଦସ୍ୟ ସତ୍ୟବ୍ରତ ଷଡଙ୍ଗୀ ଏବଂ ଅନ୍ୟାନ୍ୟ ଅତିଥିମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଅତିଥିମାନେ ଜାତୀୟ କ୍ରୀଡା ଦିବସୀ ଅନୁଚିନ୍ତା ସହ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବେଟୀ ବଚାଓ,ବେଟୀ ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବାଳିକା ମାନଙ୍କ ମଧ୍ୟରେ ଫୁଟବଲ ଓ ଖୋଖୋ ଖେଳ ଅନୁଷ୍ଠିତ ହୋଇଥିଲା। ଫୁଟବଲରେ ନୀଳଚକ୍ର ସ୍ପୋର୍ଟ କ୍ଲବ ଚମ୍ପିୟାନ ହୋଇଥିବା ବେଳେ, ନିତା ଫୁଟବଲ ଏକାଡେମୀ ରନର୍ସଅପ ହୋଇ ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ଖେଳାଳୀଭାବେ ଆୟଶା ପ୍ରିୟଦର୍ଶନୀ ଓ ବୈଶାଖି ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଇଭଳି ଖୋଖୋରେ ପୁରୀ ଓ ଡେଲାଙ୍ଗ ଦଳ ଯୁଗ୍ମ ଚମ୍ପିୟାନ ହୋଇଥିଲେ। ସମୀକ୍ଷା ବିଶ୍ୱାଳ ବେଷ୍ଟ ରନର ଓ ଜାନକୀ ପାଇକରାୟ ବେଷ୍ଟ ଚେଜରଭାବେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଜାତୀୟ ଖୋଖୋ ଖେଳରେ ଅଂଶଗ୍ରହଣ କରିଥିବା ଡେଲାଙ୍ଗ ବ୍ଲକ ମୁନିନ୍ଦା କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୨୫ହଜାର ଟଙ୍କା ସହାୟତା କରାଯାଇଥିଲା। ଏହି କ୍ରୀଡା ଦିବସ ପାଳନ ଅବସରରେ କ୍ରୀଡା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ବାଳିକା ଅନ୍ତେବାସୀମାନେ ଅଂଶଗ୍ରହଣ କରିଥିଲେ।

# ପୁରନ୍ଦର ମିଶ୍ର ଛତିଶଗଡ଼ ବୃହତ ଓଡ଼ିଆ ସମାଜର ସଭାପତି ନିର୍ବାଚିତ



ରାୟପୁର,(ପି.ଏନ): ଛତିଶଗଡ଼ସ୍ଥିତ ବୃହତ ଓଡ଼ିଆ ସମାଜର ସଭାପତି ରୂପେ ବିଶିଷ୍ଟ ସମାଜସେବୀ ପୁରନ୍ଦର ମିଶ୍ର ନିର୍ବାଚିତ ହୋଇଛନ୍ତି। ଏହି ବୃହତ ସମାଜ ଅଧୀନରେ ପ୍ରଦେଶର ୩୫ ଲକ୍ଷ ଓଡ଼ିଆ ନିବାସୀଙ୍କୁ ପ୍ରତିନିଧିତ୍ୱ କରୁଥିବା ୨୪ଟି ସମାଜକୁ ସାମିଲ କରାଯାଇଛି। ଏମାନେ ହେଲେ ବ୍ରାହ୍ମଣ, କୋଲତା, ସୌରାଂ, ଗୌଡ଼, ମହାକୂଳ, ଗାଡା, ଘାସି, ଯାଦବ, ଧୋବା, କୈବର୍ତ୍ତ, ମେହେର, ତେଲି, ବଣିଆ, ଶୋଢ଼ି, ମାଳି, ଭଣ୍ଡାରି, ଖଡ଼ିୟ, ବିଂଝାଭର, ଖରରା, କୁମ୍ଭାର, କଂସାଇ, କୋଡ଼ା, ଭୂୟାଁ ଓ ମହାନ୍ତି ଆଦି ସମାଜ। ନିକଟରେ ରାୟପୁରର ଗାୟତ୍ରୀ ନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସମଗ୍ର ଛତିଶଗଡ଼ରେ ବସବାସ କରୁଥିବା ଓଡ଼ିଆ ଅଧିବାସୀମାନଙ୍କର ଏକ ମହାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଦେଶର ଓଡ଼ିଆ ବାସୀନ୍ଦାମାନଙ୍କର ଗର୍ବ ଏବଂ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା, ସେମାନଙ୍କର ବୃହତ୍ତର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ତଥା ଓଡ଼ିଆ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନୟନ ସାଧନକୁ ସମ୍ଭବପର କରିବା ଲକ୍ଷ୍ୟରେ ଏଠାକାର ସମସ୍ତ ଓଡ଼ିଆ ସମାଜକୁ ଗୋଟିଏ ଛାମୁଆ ସଂଗଠନର ଅଧୀନରେ ଏକଜୁଟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୃହତ ଓଡ଼ିଆ ସମାଜର ମୁଖିଆ ରୂପେ ଛତିଶଗଡ଼ ବ୍ରାହ୍ମଣ ସମାଜର ସଭାପତି ଏବଂ ରାୟପୁରଠାରେ ରାଜ୍ୟର ସବୁଠୁ ବଡ଼ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ପୁରନ୍ଦର ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହି ସମାବେଶରେ ନିର୍ବିରୋଧ ନିର୍ବାଚିତ ହୋଇଥିବା ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉପସଭାପତି ଭାବେ ବିନୋଦ କୁମାର ନାୟକ ଏବଂ ଓକିଲ ତାଣ୍ଡି, ସାଧାରଣ ସମ୍ପାଦକ ରୂପେ ରାଜକୁମାର ଗୁପ୍ତା, ସଂଗଠନ ସମ୍ପାଦକ ଭାବେ ସତ୍ୟଦେବ ଶର୍ମା ଓ ଲଳିତ ପ୍ରଧାନ, ସମ୍ପାଦକ ରୂପେ ଈଶ୍ୱର ଖମାରୀ ଏବଂ ଋଷବ ବରର୍ତ୍ତି, କୋଷାଧକ୍ଷ ରୂପେ କମଳାକାନ୍ତ ଭୋଇ ଓ ସହ କୋଷାଧକ୍ଷ ପଦବୀରେ ଶଶିକାନ୍ତ ଖୁଣ୍ଟିଆ ପ୍ରମୁଖ ଅନ୍ୟତମ। ଏହା ବ୍ୟତୀତ ସଂଗଠନର ସଂରକ୍ଷକ ଭାବେ ନାରାୟଣ ପ୍ରସାଦ ନାରୋଜୀ, ସନ୍ତୋଷ ସାହୁ ଓ ଗୁଣନିଧି ଶତପଥୀ, ମୁଖପାତ୍ର ରୂପେ ଡଃ ଅଶୋକ ପ୍ରଧାନ, ମିଡ଼ିଆ ପ୍ରଭାରୀ ଦାୟିତ୍ୱରେ ବ୍ୟାସଦେବ ଭୋଇ ଏବଂ ଆଇନ ପରାମର୍ଶଦାତା ଭାବେ ଟିକେନ୍ଦ୍ର ପ୍ରଧାନ ଓ ଭଗ୍ୱାନୁ ନାୟକ ପ୍ରମୁଖ ନିଯୁକ୍ତି ପାଇଛନ୍ତି। ଏହାସହିତ ବସ୍ତର ଇଲାକାର ପ୍ରଭାରୀ ଭାବେ ନିତ୍ୟାନନ୍ଦ ମିଶ୍ର, ଦୁର୍ଗର ପ୍ରଭାରୀ ଭାବେ ଡଃ ପ୍ରଦୀପ ପାତ୍ର, ରାୟପୁର ଅଞ୍ଚଳର ପ୍ରଭାରୀ ରୂପେ ଅଶୋକ ଭାରତୀ, ବିଳାସପୁରର ପ୍ରଭାରୀ ରୂପେ ଗିରିଧାରୀ ସାହୁ ଏବଂ ସର୍ଗୁଜାର ପ୍ରଭାରୀ ରୂପେ ଶ୍ୟାମ ସାହୁଙ୍କୁ ମନୋନୀତ କରାଯାଇଥିବା ଜଣାଯାଇଛି। ସଭାପତି ଆସନ ଗ୍ରହଣ କରିବା ପରେ ପୁରନ୍ଦର ମିଶ୍ର, ସଭାକୁ ସମ୍ବୋଧନ କରି ଛତିଶଗଡ଼ର ମୂଳ ବାସିନ୍ଦା ଭାବେ ପ୍ରାୟ ୩୫ ଲକ୍ଷ ଓଡ଼ିଆ ଭୋଟଦାତାଙ୍କର ୧୦ଟି ଜିଲ୍ଲାର ୩୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଶେଷ ପ୍ରଭାବ ରହିଥିବା ପ୍ରକାଶ କରିଥିଲେ। ଏହି ଦୃଷ୍ଟିରୁ ଛତିଶଗଡ଼ ରାଜନୀତିରେ ଓଡ଼ିଆ ସମ୍ପ୍ରଦାୟର ନିର୍ଣ୍ଣାୟକ ଭୂମିକା ରହି ଆସିଥିଲେ ହେଁ, ଏମାନଙ୍କୁ ସବୁ ଦିଗରେ ଅବହେଳା ଓ ଅଣଦେଖା ପ୍ରଦର୍ଶନ କରାଯାଉଥିବା ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ। ଛତିଶଗଡ଼ର ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ସମୃଦ୍ଧି କ୍ଷେତ୍ରରେ ଓଡ଼ିଆ ସମାଜର ବଳିଷ୍ଠ ଯୋଗଦାନ ରହିଥିବା ବେଳେ, ସେମାନଙ୍କୁ ଉଚିତ ମାନ୍ୟତା ମିଳୁନଥିବାରୁ ଶ୍ରୀ ମିଶ୍ର ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ନବଗଠିତ ବୃହତ ଓଡ଼ିଆ ସମାଜ ଛତିଶଗଡ଼ସ୍ଥିତ ସମସ୍ତ ଓଡ଼ିଆ ଅଧିବାସୀମାନଙ୍କର ନ୍ୟାଯ୍ୟ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିବ ବୋଲି ଶ୍ରୀ ମିଶ୍ର ଘୋଷଣା କରିଥିଲେ। ସତ୍ୟଦେବ ଶର୍ମା ବୈଠକକୁ ସୁଚାରୁ ରୂପେ ସଂଚାଳନା କରିଥିଲେ।




2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Wednesday August 30, 2023 ଭୁବନେଶ୍ବର ବୁଧବାର, ଅଗଷ୍ଟ ୩୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କୋରାପୁଟ ପାଇଁ ଗୌରବ ୫ ବ୍ଲାକ୍ ବେଲ୍ଟ ହାସଲ

ସେମିଳିଗୁଡା,(ପି.ଏନ): ଭୁବନେଶ୍ବରସ୍ଥିତ ଉତ୍କଳ କାରାଟେ ସ୍କୁଲରେ ବ୍ଲାକ୍ ବେଲ୍ଟ ଲେବୁଲର ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି, ଏଥିରେ ସେମିଳିଗୁଡା କାରାଟେସ୍କୁଲ ର ୫ ଜଣ କୋଚ୍ କାରାଟେର୍ ରାଜେନ୍ଦ୍ର ନିଗେଶ୍ ସାମଲଙ୍କ ନେତୃତ୍ୱରେ କାରାଟେର୍ ମାନେ ଭାଗ ନେଇ ଥିଲେ ଏହି ପରୀକ୍ଷା ରେ ସମଗ୍ର ଓଡିଶା ଉତ୍କଳ କାରାଟେ ସ୍କୁଲର ୪୫ ଜଣ କାରାଟେର୍ ଭାଗ ନେଇଥିଲେ, ଏଥି ମଧ୍ୟରୁ ସେମିଳିଗୁଡା ର ଆଦିତି ପଣୀଗ୍ରାହୀ, ନନ୍ଦିନି ନାୟର, ସ୍ରେୟାନ୍ସ ବଟ ,ସ୍ମୃତିସୀଖା ସାହୁ, ଓ ଦିବେଶ ବରାଡ଼, ଓ ସମସ୍ତ ବ୍ଲାକ୍ ବେଲ୍ଟ ପରୀକ୍ଷାରେ ସଫଳତା ହାସଲ କରିଥିଲେ ଏହି କୃତି କାର୍ଯ୍ୟ ନିମନ୍ତେ କୋଚ୍ ତଥା ନୂତନ ଭାବରେ ବ୍ଲାକ୍ ବେଲ୍ଟ ହାସଲ କରିଥିବା ଛାତ୍ର ,ଛାତ୍ରୀମାନଙ୍କୁ ସହର ର ଏନେକେ ବୁଦ୍ଧିଜୀବୀ ଶୁଭେଛା ଜଣାଇଛନ୍ତି



# ଧାରାଶ୍ରାବଣ ରେ ମରୁଡ଼ିର ପଦଧ୍ୱନି

ନିମାପଡ଼ା,(ପି.ଏନ) ଆବଶ୍ୟକୀୟ ବର୍ଷା ଅଭାବ ରୁ ପୁରୀ ଜିଲ୍ଲା ନିମାପଡା ବ୍ଲକ ରେ ଧାରାଶ୍ରାବଣ ମାସରେ ଚାଷଜମି ସବୁଜ ରଙ୍ଗ ହେବା ପରିବର୍ତ୍ତ? ହଳଦିଆ ରଙ୍ଗ ଧାରଣ କଲାଣି । ମୌସୁମୀ ର ଲୁଚ୍‌କାଳି ଖେଳ ସାଙ୍ଗ କୁ ଅଭାବୀ ବର୍ଷା ଯୋଗୁଁ ଚାଷୀ ମାନେ ଏବେ ଚିନ୍ତା ରେ । ବନ୍ଧ ଗାଡିଆ, ପୋଖରୀ, ଶୁଖି ଲା ପଡିଛି ।ପ୍ରଥମ ରୁ ଅଭାବୀ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଧୀମା ପଡିଥିଲା ।ଲଘୁଚାପ ଜନିତ ବର୍ଷା ରେ ଧାନ ରୁଆ ବେଉଷଣ କାମ ଆଗେଇ ଚାଲିଥିବା ବେଳେ ପୁଣି ବର୍ଷା ଉଭାନ ହୋଇଯିବା ଚାଷୀ ର ଚିନ୍ତାକୁ ବଢେଇ ଦେଇଛି ।ପାଣି ଅଭାବ ରୁ ଧାନ ରୁଆ ବେଉଷଣ କାର୍ଯ୍ୟ ଧିମେଇ ଯାଇଛି ।ସେପଟେ ରୁଆ ହୋଇଥିବା ଜମି ସବୁ ପାଣି ଅଭାବ ରୁ ଫାଟି ଆଁ କଲାଣି ।ଯାହାକୁ ନେଇ ଚାଷୀ ର ଚିନ୍ତା ବଢିବାରେ ଲାଗିଛି । ଖେଲାର, ବାମନାଳ, ବଳଙ୍ଗା, ଚାରିଛକ, ତମ୍ପାଳୋ,ପ୍ରଭୃତି ଅଞ୍ଚଳ ରେ ଚାଷ କାର୍ଯ୍ୟ ପାଇଁ ପାଣି ସମସ୍ୟା ଲାଗିରହିଛି । ଯଦିଓ କେନାଲ ରେ ଜଳସେଚନ ବିଭାଗ ପାଣି ଛାଡ଼ିଛି ତାହା ଯଥେଷ୍ଟ ହୋଇ ନଥିବାରୁ କେନାଲ ଶୋଠ କୁ ଉଠୁନାହିଁ । କେନାଲ ସଫେଇ ନିମ୍ନ ମାନର କରାଯାଇଥିବା ଯୋଗୁଁ କେନାଲ ର ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁନାହିଁ । ଖୁବ ଶୀଘ୍ର ଯଦି ବର୍ଷା ନହୁଏ ନିମାପଡ଼ା ବ୍ଲକ ର ଅଧିକାଂଶ ଗ୍ରାମ ରେ ମରୁଡି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ଚାଷୀ ମାନେ କହୁଛନ୍ତି ।

# ଚଉଷଠି ଯୋଗିନୀ ମନ୍ଦିରର ଉନ୍ନତି ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଲେ ଉମାଦେଇ ବ୍ରହ୍ମପୁର ସମିତି ସଭ୍ୟ



ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଉପାଦେଇବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ହୀରାପୁର ଠାରେ ଥିବା ପ୍ରସିଦ୍ଧ ଚଉଷଠି ଯୋଗିନୀ ପୀଠର ଉନ୍ନତି ଏବଂ ବିକାଶ ପାଇଁ ସୋମବାର ସନ୍ଧ୍ୟାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱର ସ୍ଥିତ ବାସଭବନରେ ଭେଟି ଆଲୋଚନା କରିଛନ୍ତି ଉମାଦେଇବ୍ରହ୍ମପୁରର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର । ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ସମାଜସେବୀ ତାପସ ରଞ୍ଜନ ମଲ୍ଲିକ ,ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ , ବିଶ୍ୱଜିତ ସାମନ୍ତରାୟ , ଦିପକ ସ୍ୱାଇଁ ପ୍ରମୁଖ ଶ୍ରୀଯୁକ୍ତ ପ୍ରଧାନଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଚଉଷଠି ଯୋଗିନୀ ପୀଠର ଉନ୍ନତି ପାଇଁ ଦାବିପତ୍ର ଦେଇ ଆଲୋଚନା କରିଛନ୍ତି । ଯସୁଆପୁର ଗ୍ରାମ ଉପରେ ହୋଇଥିବା ଡାକ ଲଫାପା ପ୍ରଦାନ ସହିତ, ଚଉଷଠି ଯୋଗିନୀ ପୀଠକୁ ପ୍ରବେଶ ପଥରେ ଐତ୍ୟ ତୋରଣ ନିର୍ମାଣ, ଟଙ୍କପାଣି ସେତୁ ପାଖରୁ ପୀଠ ପର୍ଯ୍ୟନ୍ତ ଆଲୋକିକରଣ, ବିକାଶ ସହ ମନ୍ଦିର ପ୍ରାଙ୍ଗଣରେ ଥିବା ପୋଖରୀ ଚତୁଃପାର୍ଶ୍ୱରେ ଆଲୋକିକରଣ , ଜଗନ୍ନାଥ ସଡ଼କ ଠାରୁ ପୀଠ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ସହ ଦୁଇ ପାର୍ଶ୍ୱରେ ଆଲୋକିକରଣ କରିବା ପାଇଁ ଅନୁରୋଧ କରିଛନ୍ତି ।

# ଦୁଇ ନା ବାଳକ ଜେଲ ଗଲେ; କ୍ଲାସ ରୁମରୁ ଉଠାଇ ନେଲା ପୁଲିସ

କାକଟପୁର,(ପି.ଏନ): କାକଟପୁର ଥାନା ଅନ୍ତର୍ଗତ କାକଟପୁର ବାଳିକା ବିଦ୍ୟାଳୟରୁ ସି ସି ଟିଭି ଚୋରି କରି ଦୁଇ ଜଣ କାକଟପୁର ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଜୁବେନାଇଲ କୋର୍ଟକୁ ଚାଲାଣ କରିଛି, ପୋଲିସ ସୂତ୍ରରୁ ଜଣା ପଡିଛି ଯେ କାକଟପୁର ବାଳିକା ନୋଡାଲ ବାଳିକା ବିଦ୍ୟାଳୟ ସମ୍ମୁଖରେ ଥିବା ସିସି ଟିଭି କ୍ୟାମେରା ଚୋରି ହୋଇଥିବା ଅଭିଯୋଗ ପାଇ କାକଟପୁର ଥାନା ପୋଲିସ ସିସି ଟିଭି ଫୁଟେଜ ଆଧାରରେ ଦୁଇ ଜଣ ଦଶମ ଶ୍ରେଣୀ ଛାତ୍ର ରାହୁଲ ଦାସ, ଆଦିତ୍ୟ ବିନ୍ଧାଣି ଦୁଇ ଜଣଙ୍କୁ ହାଇସ୍କୁଲରେ ଅଚାନକ ଚଢ଼ାଉ କରି ପୋଲିସ ଗିରଫ କରିଛି, ଅପର ପକ୍ଷରେ ଦୁଇ ନା ବାଳକ ଗିରଫ ହେବା ପରେ ସ୍କୁଲରୁ ବହିସ୍କୃତ କରା ଯାଇଥିବା ଜଣା ପଡିଛି, ଥାନା କେଶ ନମ୍ବର ୧୭୪/୨୦୨୩।

# ପାରାଦୀପ ଜେଏସଡବ୍ଲୁ ପ୍ରକଳ୍ପ ପରିସର ଭିତରେ ମୃତ ହରୀଣ ଠାବ : ହତ୍ୟା ସନ୍ଦେହ

ପାରାଦୀପ,(ପି.ଏନ): ପାରାଦୀପ ଉପକଣ୍ଠ ଗୋବିନ୍ଦରପୁର ମଙ୍ଗଳାପଡା ଜେଏସଡବ୍ଲୁ ପ୍ରକଳ୍ପ ନିଷିଦ୍ଧଅଞ୍ଚଳ ମଧ୍ୟରେ ମଙ୍ଗଳବାର ଦିନ ଏକ ହୃଷ୍ଟପୃଷ୍ଟ ମୃତ ହରୀଣ ମିଳିବା ଘଟଣାକୁ ନେଇ ସାଧାରଣରେ ସନ୍ଦେହ ଓ ଉଦବେଗ ପ୍ରକାଶ ପାଇଛି । ଘଟଣାରୁ ପ୍ରକାଶ ଜେଏସଡବ୍ଲୁ ପ୍ରକଳ୍ପ ନିଷିଦ୍ଧାଞ୍ଚଳରେ ଚାରୀ ପାର୍ଶ୍ୱରେ ଉଚ୍ଚ ପାଚେରୀ ଓ ସୁରକ୍ଷା କର୍ମୀଙ୍କ ଉପସ୍ଥିତ ଥିବା ସତ୍ତ୍ୱେ ଏହି ହରୀଣଟି ବିଛା ଯାଇଥିବା ଏକ ଫାସ ଜାଲରେ ଛନ୍ଦି ତାର ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି । ତେବେ ଏହି ମୃତ ହରୀଣକୁ କମ୍ପାନୀର ଏକ ଟ୍ରାକ୍ଟରରେ ସୁରକ୍ଷା କର୍ମୀ ମାନେ ତରବରିଆ ଭାବେ ବାନ୍ଧି ନେଇ ପଳାଇବା ଘଟଣା ସାଧାରଣରେ ସନ୍ଦେହକୁ ଦୃଢିଭୁତ କରିଛି । ଏ ଘଟଣାକୁ ନେଇ କମ୍ପାନୀ କର୍ତ୍ତୃପକ୍ଷ କିଛି ଜାଣି ନଥିବା ଏବଂ କୌଣସି ବିରୋଧୀହରୀଣକୁ ମାରି କମ୍ପାନୀ ପରିସରରେ ବଦନାମ କରିବା ଉଦ୍ଦେଶ୍ୟରେ ପକାଇଥବବା କୁହାଯାଇଛି । ତେବେ କମ୍ପାନୀର କଡା ସୁରକ୍ଷା ମଧ୍ୟରେ ଥିବା ନିଷିଦ୍ଧାଞ୍ଚଳରେ ବାହାର ଲୋକ ,ଭଳି ଘଟଣା ଘଟାଇବା ସହଜରେ ହଜମ ହେଉନାହିଁ । ଏତଦବ୍ୟତୀତ ବନ ବିଭାଗର କାର୍ଯ୍ୟକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ପ୍ରତି ପାରାଦୀପର ଜେଏସଡବ୍ଲୁ ପ୍ରକଳ୍ପ ପାଇଁ ପରିବେଶ ମୁରୀ ରଦ୍ଧ ହୋଇଥିବା ବେଳେ ଏବେ ହରୀଣ ମରା ଘଟଣା ପ୍ରକଳ୍ପ ନିର୍ମାଣକୁ ନେଇ ସନ୍ଦେହ ସୃଷ୍ଟି କରିଛି ।

# ଗଙ୍ଗାସାଗରଙ୍କୁ ମିଳିଲା ରାଷ୍ଟ୍ରପତି ପୁରସ୍କାର

ନିମାପଡ଼ା,(ପି.ଏନ)ପୁରୀ ଜିଲ୍ଲା ନିମାପଡ଼ା ସ୍ଥିତ ଉପ କାରାଗାର ରେ ମୁଖ୍ୟ କାରାଗାର ରକ୍ଷୀ ଭାବେ କାର୍ଯ୍ୟରତ ଜମାଦାର ଗଙ୍ଗାସାଗର ପଣ୍ଡା ଙ୍କୁ ଗତ ସ୍ୱାଧିନତା ଦିବସ ପାଳନ ଅବସରରେ ମିଳିଛି ରାଷ୍ଟ୍ରପତି ପୁରସ୍କାର । ଗଞ୍ଜାମ ଜିଲ୍ଲା ଚିକିଟି ନିବାସୀ ଶ୍ରୀ ପଣ୍ଡା ନିଜର ଉଲ୍ଲେଖନୀୟ କାର୍ଯ୍ୟ, ସାହସ,ଅନ୍ତେବାସୀ କଏଦୀ ମାନଙ୍କୁ ଉତ୍ତମବ୍ୟବହାର ସାଙ୍ଗକୁ ସାମାଜିକ ଶିକ୍ଷା ପ୍ରଦାନ ପାଇଁ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି ।ରାଷ୍ଟ୍ରପତି ପୁରସ୍କାର ପାଇବା ପରେ ତାଙ୍କୁ ନିମାପଡ଼ା ଉପ କାରାଗାର ର ଉପ ଅଧିକ୍ଷକ ଫକିର ଚରଣ ସାହୁ ଓ ଉପ କାରାଗାର ର ସମସ୍ତ କର୍ମଚାରୀ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ଉପ ଅଧିକ୍ଷକ ଶ୍ରୀ ସାହୁ କହିଛନ୍ତି ଯେ, ପୁରସ୍କୃତ ଗଙ୍ଗାସାଗର ନିମାପଡା ଉପ କାରାଗାର ର ଜଣେ ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ ଜମାଦାର । କାରାଗାର ର ଅନ୍ତେବାସୀ ମାନଙ୍କୁ ସେ ଉତ୍ତମ ବ୍ୟବହାର କରିବା ସହିତ ଅପରାଧ ଠାରୁ ଦୂରେଇ ରହି ସାମାଜିକ ଚଳଣୀରେ ଚଳିବାକୁ ପ୍ରତ୍ୟେକ ଦିନ ପରାମର୍ଶ ଦେଇଥାନ୍ତି । ତାଙ୍କୁ ମହାମହିମ ରାଷ୍ଟ୍ରପତିଙ୍କ ପୁରସ୍କାର ମିଳିଥିବାରୁ ଆମେ ତାଙ୍କ ପାଇଁ ଗର୍ବିତ ବୋଲି କହିଥିଲେ ।ରାଷ୍ଟ୍ରପତି ଙ୍କ ଠାରୁ ପୁରସ୍କାର ପାଇବା ପରେ ଗଙ୍ଗା ସାଗର ଙ୍କୁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ଓ ଅଭିନନ୍ଦନ ର ସୁଅ ଛୁଟିଛି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୧୬ ତମ ପ୍ରତିଷ୍ଠା ଦିବସ ପାଳନ




ସେମିଳିଗୁଡା,(ପି.ଏନ): କୋରାପୁଟ ସ୍ଥିତ ଲାଣ୍ଡିଗୁଡା କ୍ୟାମ୍ପସରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଭାରତ ସରକାରଙ୍କ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାରସ୍ୱତ ଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏଏମବି ଭାଗଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଭାଷ ଚନ୍ଦ୍ର ଝା ପ୍ରତିଷ୍ଠା ଦିବସର ଅଭିଭାଷଣ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ଅଧିକାରୀ ପ୍ରଫେସର ଏନ୍ ସି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଶାନ୍ତ ମେଶ୍ରାମ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ । ମାନ୍ୟବର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ ମାଧ୍ୟମରେ ସଭାକୁ ସମ୍ବୋଧିତ କରିବା ସହ ଭବିଷ୍ୟତରେ ସଫଳତା ହାସଲ ଦିଗରେ ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଚନ୍ଦ୍ରଯାନ-୩ର ସଫଳ ଅଭିଯାନ ପାଇଁ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଭାରତରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସଫଳତାକୁ ପ୍ରଶଂସା କରିଥିଲେ । ସେ ୩ଏସ୍ ବିକାଶ ସ୍କିଲ, ସ୍କ?ଲ୍ ଏବଂ ସ୍ପିଡ୍ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାର୍ଥୀମାନେ ଦକ୍ଷତା ହାସଲ କରିବା, ନୂତନ ସ୍ତରରେ ପହଞ୍ଚିବା ଏବଂ ବିଶ୍ୱ ସହିତ ଦ୍ରୁତ ଗତିରେ ଯିବା ଉଚିତ ଯାହା ଦ୍ୱାରା ସେମାନେ ଭବିଷ୍ୟତରେ ସଫଳତା ହାସଲ କରିପାରିବେ । କୋରାପୁଟରେ ଜୈବିକ ଚାଷ ପ୍ରଣାଳୀରେ ଉତ୍ପାଦିତ ଧାନ, ଆମ୍ବ, ବାଜରା, ପନିପରିବା ଏବଂ ବିଶେଷ କରି କୋରାପୁଟ କଫି ର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । ତେଣୁ ଆମକୁ ଏ ଦିଗରେ ପ୍ରାଥମିକତା ଦେବାକୁ ପଡ଼ିବ ବୋଲି କହିଥିଲେ । କୋରାପୁଟର ବାଜରାରୁ ପ୍ରସ୍ତୁତ ବିସ୍କୁଟକୁ ବିଶ୍ୱ ବଜାରକୁ ନେବାକୁ ପଡିବ । କୁଭି ଏବଂ ଦେସିଆ ଭାଷାରେ ଦୁଇଟି ବର୍ଣ୍ଣମାଳା ପ୍ରାଇମର ଆଣିବା ପାଇଁ ସେ ସିୟୁଓ ଏବଂ ଏନସିଇଆରଟିର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ । କୋରାପୁଟର ସହିଦ ଭୂମି ବିଶେଷ କରି ସହିଦ ଲକ୍ଷ୍ମଣ ନାୟକଙ୍କ ଭୂମି ଏବଂ ପାପଡାହାଣ୍ଡିର ସହିଦ ଭୂମିରୁ ମାଟି ସଂଗ୍ରହ କରି କେନ୍ଦ୍ର ସରକାରଙ୍କ ଯୋଜନା ମୋ ମାଟି, ମୋ ଦେଶ ସହ ସାମିଲ ହେବାକୁ ସେ ବିଶ୍ୱବିଦ୍ୟାଳୟକୁ ଆହ୍ୱାନ କରିଥିଲେ ।କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସଭାପତିତ୍ୱ ଭାଷଣ ଦେଇ ୧୪ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱବିଦ୍ୟାଳୟ ପରିବାରକୁ ଅଭିନନ୍ଦନ ଜଣାଇଥିଲେ । ସ୍ୱାଧୀନତା ସଂଗ୍ରାମୀ ତଥା ଭୂମିପୁତ୍ର ସହିଦ ଲକ୍ଷ୍ମଣ ନାୟକଙ୍କୁ ସ୍ମରଣ କରି ସେ ଭାଷଣ ଆରମ୍ଭ କରିଥିଲେ । ସେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ୧୪ ବର୍ଷ ର ସଫଳତା ବର୍ଣ୍ଣନା କରିଥିଲେ । ଚଳିତ ବର୍ଷ ବିଶ୍ୱବିଦ୍ୟାଳୟରେ କୃଷି, ଜଙ୍ଗଲ ପରିଚାଳନା, ପଶୁପାଳନ ଓ ଦୁଗ୍ଧ ଚାଷ କ୍ଷେତ୍ରରେ ୩ଟି ନୂତନ ବିଜ୍ଞାନରେ ସ୍ନାତକ ଏବଂ ଲଜିଷ୍ଟିକ୍ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ସମେତ ବିଶ୍ୱବିଦ୍ୟାଳୟର ବିକାଶ ଉପରେ ସେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଜାତୀୟ ଶିକ୍ଷା ୨୦୨୦ ଅଧୀନରେ ବିଶ୍ୱବିଦ୍ୟାଳୟ ସଫଳତାର ନୂଆ ମାର୍ଗ ଅନୁସରଣ କରିବ । ଏନଇପି ୨୦୨୦ ଅନୁଯାୟୀ ସେ ଛାତ୍ରମାନଙ୍କୁ ଚାକିରି ଖୋଜିବା ନୁହେଁ, ବରଂ ଚାକିରି ପ୍ରଦାନକାରୀ ହେବାକୁ ଅନୁରୋଧ କରିଥିଲେ ଏବଂ ଆଶା କରିଥିଲେ ଯେ ପ୍ରତ୍ୟେକ ଛାତ୍ର ଦେଶର ଏକାଡେମିକ ଲିଡର ହେବେ । ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମାତୃଭାଷାରେ ଅଧ୍ୟୟନ । ଏହା କେବଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ନୁହେଁ; ଏହା ମଧ୍ୟ ଆଦିବାସୀ ସଂସ୍କୃତି, ନୂତନ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସମଗ୍ର ସଂସ୍କୃତିର ପ୍ରତିଷ୍ଠା ଦିବସ । ଆଗାମୀ ଦିନରେ ଚାଉଳ, ବାଜରା ଓ ଦେଶୀ ଘିଅ ସମେତ କୃଷି ଜାତ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ବିଶ୍ୱବିଦ୍ୟାଳୟ ହିନ୍ଦୀ ଓ ଜାପାନୀ ଭାଷାରେ ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଦାନ କରିବ, ଯାହା ଛାତ୍ରଛାତ୍ରୀଙ୍କ ଭାଷା ଦକ୍ଷତାକୁ ସୁଦୃଢ଼ କରିବ । ସ୍ନାତକ ସ୍ତରରେ ଗୋପବନ୍ଧୁ ଅଧ୍ୟୟନ ଏକ ବାଧ୍ୟତାମୂଳକ ବିଷୟ ହେବ ବୋଲି ସେ କହିଥିଲେ । ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାରୁ ଏକ ମାସ ମଧ୍ୟରେ ବିଶ୍ୱବିଦ୍ୟାଳୟରେ ନୂତନ ଅଧ୍ୟାପକ ନିଯୁକ୍ତି କରାଯିବ ଏବଂ ୨୦୨୩ ଅକ୍ଟୋବର ସୁଦ୍ଧା ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ଅଧିକାରୀ ପ୍ରଫେସର ଏନ୍ ସି ପଣ୍ଡା ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରଠାରୁ ବିଶ୍ୱବିଦ୍ୟାଳୟର ସଫଳତା ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନର କୁଳପତିଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ସଫଳତାର ନୂତନ ସୋପାନରେ ପହଞ୍ଚି ପାରିଛି ବୋଲି କହିଥିଲେ । ଆସୋସିଏଟ୍ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆସୋସିଏଟ୍ ପ୍ରଫେସର ଡ. ନିରଞ୍ଜନି ତ୍ରିପାଠୀ ସଭାକୁ ସଂଯୋଜନା କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ବିଜ୍ଞାନ ଓ ସଂସ୍କୃତି' ପତ୍ରିକାର ଦୁଇଟି ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚନ କରାଯାଇଥିଲା, ଯାହାର ସମ୍ପାଦନା କରିଥିଲେ ସିୟୁଓର ଏକାଡେମିକ୍ ପରାମର୍ଶଦାତା ପ୍ରଫେସର ସୁଧେନ୍ଦୁ ମଣ୍ଡଳ । ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସିୟୁଓର ବରିଷ୍ଠ ପ୍ରଫେସର, ଅଧ୍ୟାପକ, କର୍ମଚାରୀ, ଗବେଷକ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray